

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୫ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 April 2026

Vol.No. 36 ■ No.90 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ବଂଶଧାରା ନଦୀ ଜଳ ବିବାଦର ନୂଆମୋଡ଼:

### ନେରେଡ଼ି ବ୍ୟାରେଜକୁ ଟ୍ରିବ୍ୟୁନାଲର ସବୁଜ ସଂକେତ ପରେ ତେଜିଲା ଅସନ୍ତୋଷ

ଭୁବନେଶ୍ୱର, ୦୪/୪ (ନି.ପ୍ର): ବଂଶଧାରା ନଦୀ ଜଳ ବିବାଦରେ ଆସିଛି ବଡ଼ ମୋଡ଼। ଦୀର୍ଘ ଦୁଇ ଦଶନ୍ଧିର ଆଇନଗତ ଲଢ଼େଇ ପରେ ଟ୍ରିବ୍ୟୁନାଲ୍‌ଙ୍କ ଚୂଡ଼ାନ୍ତ ରାୟ ଆସିଛି। ଯାହା ଓଡ଼ିଶା ପାଇଁ ଚିନ୍ତାର କାରଣ ସାଜିଥିବା ବେଳେ ଆନ୍ଧ୍ରପ୍ରଦେଶ ପାଇଁ ଆଣିଦେଇଛି ଖୁସୀ। କେନ୍ଦ୍ର ଗେଜେଟ୍ ବିଜ୍ଞପ୍ତି ପରେ ନେରେଡ଼ି ବ୍ୟାରେଜ୍ ନିର୍ମାଣ ପାଇଁ ସବୁଜ ସଙ୍କେତ ମିଳିଛି, ଯାହାକୁ ନେଇ ଏବେ ଗଜପତି ଓ ରାୟଗଡ଼ାର ଚାଷୀକୁଳ ଆତଙ୍କିତ। ସେପଟେ ରାୟକୁ ନେଇ ତେଜିଛି ରାଜନୈତିକ ବୟାନବାଜି। ବଂଶଧାରା ନଦୀ ଜଳ ବଣ୍ଟନ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବହୁବର୍ଷ ଧରି ଚାଲିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ଟ୍ରିବ୍ୟୁନାଲ୍‌ର ରାୟ ଓଡ଼ିଶାକୁ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ଲାଗି ଲାଭଦାୟକ ହୋଇଛି। ଚୂଡ଼ାନ୍ତ ରାୟ ପରେ ଆନ୍ଧ୍ରପ୍ରଦେଶର



ନେରେଡ଼ି ବ୍ୟାରେଜ୍ ପ୍ରକଳ୍ପ ପାଇଁ ପ୍ରତିବନ୍ଧକ ଦୂର ହୋଇଛି। ୮୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ସ୍ଲୁଇସ୍ ଗେଟ୍ ନିର୍ମାଣ କରିବାକୁ ଅନୁମତି ମିଳିଛି। ଏଥିସହ ବଂଶଧାରା ନଦୀରେ ଥିବା ଗୋଟା ବ୍ୟାରେଜ୍‌ରେ ଉପଲବ୍ଧ ଜଳର ପରିମାଣ ୧୧୫ ଟିଏମ୍‌ସି ସ୍ଥିର ହୋଇଛି। ନଦୀର ଜଳକୁ ଉଭୟ ରାଜ୍ୟ ୫୦:୫୦ ଅନୁପାତରେ ବାଣ୍ଟି ନେବେ ବୋଲି ନିଷ୍ପତ୍ତି ହୋଇଛି। ଯାହା ଓଡ଼ିଶାର ରାୟଗଡ଼ା, ଗଜପତି ଜିଲ୍ଲା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଆଗକୁ ଜୋରଦାର ବିରୋଧର ଚେତାବନୀ ଦେଇଛନ୍ତି। ନେରେଡ଼ି ବ୍ୟାରେଜ୍ ନିର୍ମାଣ ସହ ଓଡ଼ିଶା ପାଇଁ ବାମ ପାଖରେ ଆଉ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ଅନୁମତି ରହିଛି। ନେରେଡ଼ି ବ୍ୟାରେଜ୍ ପାଇଁ ୧୦୬ ଏକର ଜମି ଓଡ଼ିଶା ଏକ ବର୍ଷ ମଧ୍ୟରେ ଆନ୍ଧ୍ରକୁ ହସ୍ତାନ୍ତର କରିବ। ଏହି ଜମିର କ୍ଷତିପୂରଣ ଆନ୍ଧ୍ର ବହନ କରିବ। ଓଡ଼ିଶା ଚାଷୀଙ୍କ ସ୍ୱାର୍ଥରେ ପାର୍ଶ୍ୱ କେନାଲ୍ ଦେଇ ୮ ଟିଏମ୍‌ସି ଜଳ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାର ପରିଚାଳନା ପାଇଁ ଉଭୟ ରାଜ୍ୟର ପ୍ରତିନିଧି ସହ ଏକ କମିଟି ଗଠନ କରାଯିବ। ରାୟକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ ସମାଲୋଚନା କରିଛି ବିଜେଡି। ରାୟଗଡ଼ା କଂଗ୍ରେସ ବିଧାୟକ ପୂର୍ବ ସରକାର ଓ ବର୍ତ୍ତମାନର ସରକାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ଯାହାର ଜବାବ ରଖିଛି ବିଜେପି। ବଂଶଧାରା ନଦୀ ଜଳକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ୨୦୦୬ରେ ବିବାଦ ଆରମ୍ଭ ହୋଇଥିଲା। ନେରେଡ଼ି ବ୍ୟାରେଜ୍ ନିର୍ମାଣକୁ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଓଡ଼ିଶା। ୨୦୧୦ରେ ବଂଶଧାରା ଜଳ ଟ୍ରିବ୍ୟୁନାଲ୍ ଗଠନ ହୋଇଥିଲା। ଏବେ ରାୟକୁ ଚାଲେଞ୍ଜ କରିବେ ନା ନାହିଁ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ।

## ବୃଦ୍ଧା ମା'ଙ୍କୁ ବିଷ ଖୁଆଇ ମାରିଲା ପୁଅ: ଅଭିଯୁକ୍ତ ଥାନାରେ ଅଟକ

ଭୋଗରାଇ, ୦୪/୪ (ନି.ପ୍ର): ଯେଉଁ ମା' ନିଜ ଗର୍ଭରେ ଦଶ ମାସ ରଖି ପୁଅକୁ ଜନ୍ମ ଦେଇଥିଲା, ତାକୁ ପୁଣି ମାରିଦେଲା ପୁଅ। ଏକଥା ଅବିଶ୍ୱାସ୍ୟ ମନେ ହେଉଥିଲେ ବି ସତ। ଏମିତି ଘଟଣା ଦେଖିବାକୁ ମିଳିଛି ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ପାରୁଳିଆ ଗାଁର ୧୩ ନଂ ୱାର୍ଡ଼ରେ। ଘଟଣାର ଉତ୍ତେଜିତ ହୋଇ ଗାଁ ଲୋକେ ଯୁବକ ଜଣଙ୍କୁ ଗଛରେ ବାନ୍ଧିନିସ୍ତୁକ ପିଟିଛନ୍ତି। ଖବର ପାଇ ଘଟଣା ସ୍ଥଳରେ କମର୍ଦ୍ଦା ପୁଲିସ ପହଞ୍ଚି



ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପାରୁଳିଆ ଗ୍ରାମର ପଦ୍ମାବତୀ ଦଳାଇ(୭୬) ଓ ତାଙ୍କ ପୁଅ ଲକ୍ଷ୍ମୀକାନ୍ତ ଦଳାଇ(୩୫)ଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ଲାଗି ରହୁଥିଲା। ଗତକାଲି ରାତିରେ ପୁଅ ଲକ୍ଷ୍ମୀକାନ୍ତ ମା'ଙ୍କୁ ମାଡ଼ ମାରି ଘର ବାହାରକୁ ବାହାର କରି ଦେଇଥିଲା। ସକାଳେ ପଦ୍ମାବତୀ ଘରକୁ ଫେରିଥିଲେ। ତାପରେ ଲକ୍ଷ୍ମୀକାନ୍ତ ନିଜ ସ୍ତ୍ରୀକୁ ତାଙ୍କ ବାପ ଘରେ ଛାଡ଼ି ଦେଇ ଘରକୁ ଫେରିଥିଲେ। ଏହାପରେ ପୁଅ ଲକ୍ଷ୍ମୀକାନ୍ତ ଘରକୁ ଆସି ନିଜ ମା'ଙ୍କୁ ଜବରଦସ୍ତ ମୁହଁରେ ବିଷ ଖୁଆଇ ଦେଇଥିଲେ। ବିଷ ଖୁଆଇବାର କିଛି ସମୟ ପରେ ମାଙ୍କର ମୃତ୍ୟୁ ହୋଇଯାଇଥିଲା।

◆◆ପୃଷ୍ଠା ୭

## କଟୁରୀ ଚୋଟରେ କଟିଲା ଯୁବକଙ୍କ ହାତ ପାପୁଲି

ଭୁବନେଶ୍ୱର, ୦୪/୪ (ନି.ପ୍ର): ରାଜଧାନୀରେ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ । ରାଜଧାନୀରେ ପୁଣି ବୁଲିଲା କଟୁରୀ। କଟୁରୀ ଚୋଟରେ କଟିଲା ଯୁବକଙ୍କ ହାତ ପାପୁଲି। ଆକ୍ରମଣରେ ସୁନିଲ ଭୋଇ ଆହତ ହୋଇଛନ୍ତି । ପଟିଆ ଭୋଇ ସାହିରେ ଘଟିଛି ଏଭଳି ଘଟଣା । ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଂଚିଛି । ପୋଲିସ ଦେଖି ଡ୍ରେନ୍ ରେ କଟୁରୀ ଲୁଚାଇବା ସହ ଫେରାର ହେଉଥିଲା ଅଭିଯୁକ୍ତ ସିଦ୍ଧାର୍ଥ ନାଏକ।

## ଚନ୍ଦକାକୁ ଆସିଲା ଉଦ୍ଧାର ହୋଇଥିବା ୩ ମାସର ହାତୀଛୁଆ

ଭୁବନେଶ୍ୱର, ୦୪/୪ (ନି.ପ୍ର): ଚନ୍ଦକାକୁ ଆସିଲା ଉଦ୍ଧାର ହୋଇଥିବା ୩ ମାସର ହାତୀଛୁଆ । ନୟାଗଡ଼ ଜିଲ୍ଲା ରଣପୁର ରେଞ୍ଜ ପାଇକଭୂଇଁ ଜଙ୍ଗଲରେ ଥିବା ଏକ ଖୋଲା କୂଅରେ ହାତୀଛୁଆଟି ଖସି ପଡ଼ିଥିଲା। ୧୭ ଟିକିଆ ହାତୀପଲଙ୍କ ସହ ଜଙ୍ଗଲରେ ବୁଲୁଥିବା ବେଳେ ପାଣି ପିଇବା ବେଳେ ଖାଲରେ ଖସି ପଡ଼ିଥିଲା। ବହୁ କଷ୍ଟରେ ଜେସିବି ସାହାଯ୍ୟରେ ବନ ବିଭାଗ ହାତୀ ଛୁଆକୁ ଉଦ୍ଧାର କରିଥିଲେ। କିନ୍ତୁ ଉଦ୍ଧାର ପରେ ମଣିଷର ସ୍ପର୍ଶ ପାଇଥିବାରୁ ମାଆ ହାତୀ ଛୁଆହାତୀକୁ ଆଉ ଗ୍ରହଣ କରିନଥିଲା। ବନ ବିଭାଗ ବହୁ ଚେଷ୍ଟା ସତ୍ତ୍ୱେ ହାତୀ ଛୁଆକୁ ଦଳ ଓ ମା ସହ ମିଶାଇବାରେ ବିଫଳ ହୋଇଥିଲା। ଫଳର ହାତୀ ଛୁଆର ଚିକିତ୍ସା ଓ ଲାଳନପାଳନ ପାଇଁ ତାକୁ ଚନ୍ଦକା ସ୍ଥିତ କୁମାରଖୁଣ୍ଟି ସ୍ଥାନାନ୍ତରଣ କରାଯାଇଛି। ଗତକାଲି ରାତିରେ ହାତୀ ଛୁଆଟି ଚନ୍ଦକା ଆସିଛି। ଏଠାରେ ହାତୀ ଛୁଆକୁ କ୍ୱାରେଣ୍ଟାଇନରେ ରଖାଯାଇ ନନ୍ଦନକାନନର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ସରିଗଲା ବିଧାନସଭା ବଜେଟ୍ ଅଧିବେଶନ: ଉପସ୍ଥାପିତ ହୋଇପାରିଲାନି ରତ୍ନଭଣ୍ଡାର ଚାବି ହଜିବା ତଦନ୍ତ ରିପୋର୍ଟ



ଭୁବନେଶ୍ୱର, ୦୪/୪ (ନି.ପ୍ର): ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ବାବଦରେ ଜାଣିବାକୁ ପୁରା ଓଡ଼ିଶା ଚାହିଁ ରହିଛି। ଜଷ୍ଟିସ ରଘୁବୀର ଦାସ କମିସନଙ୍କ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିଧାନସଭାରେ ଏହାକୁ ଉପସ୍ଥାପିତ ନକରି ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ଆହୁରି ରହସ୍ୟମୟ କରିଛନ୍ତି ସରକାର। ଏହି ରିପୋର୍ଟରେ ଏମିତି କଣ ଅଛି, ଯାହାକୁ ସାର୍ବଜନୀନ କରିବାକୁ ପୂର୍ବ ସରକାର ଚାହିଁନଥିଲେ ଏବଂ ନୂଆ ସରକାର ପଛଘୁଞ୍ଚା ଦେଉଛନ୍ତି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଉଦବେଗ ଜଣାଇଲେ ହାଇକୋର୍ଟ। ବଜେଟ ଅଧିବେଶନରେ ଜଷ୍ଟିସ ରଘୁବୀର ଦାଶଙ୍କ କମିସନ ରିପୋର୍ଟ ଦାଖଲ କରିବାକୁ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଧାନସଭାର ବଜେଟ ଅଧିବେଶନ ସରିଗଲା। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସରକାର କର୍ଣ୍ଣପାତ ମଧ କଲେନି। ଏହା ଭିତରେ ରତ୍ନଭଣ୍ଡାର ଖୋଲିଛି, ଗଣତି ମଣତି ଆରମ୍ଭ ହେଲାଣି ହେଲେ ଚାବି କେମିତି ହଜିଥିଲା ତାହା ଏବେ ବି ରହସ୍ୟଘେରରେ। ଓଡ଼ିଶାବାସୀ ଏହି ରହସ୍ୟ ଉପରୁ ପରଦା ହଟୁ ବୋଲି ଚାହୁଁଥିବା ବେଳେ ସରକାର କିନ୍ତୁ ରଘୁବୀର ଦାସ କମିସନଙ୍କ ତଦନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ନକରି ଚାବି ରହସ୍ୟକୁ ରହସ୍ୟାବୃତ୍ତ କରିଛନ୍ତି। ପ୍ରଶ୍ନ ଉଠୁଛି, କାହିଁକି କୋର୍ଟଙ୍କ ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଉଛନ୍ତି ସରକାର? ୨୦୨୪ ନିର୍ବାଚନରେ ବିଜେପିର ପ୍ରମୁଖ ମୁଦ୍ଦା ପାଲଟିଥିଲା ରତ୍ନଭଣ୍ଡାର ଚାବି ପ୍ରସଙ୍ଗ। ଏହାକୁ ଅସ୍ତ୍ର କରି ବିଜେପି ସରକାରକୁ ଆସିଲା। ହେଲେ ପ୍ରଶ୍ନ ଉଠୁଛି, ସରକାରକୁ ଆସିବା ପରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବାରେ ଅସୁବିଧା କେଉଁଠି? ତଦନ୍ତ ରିପୋର୍ଟରେ ଏମିତି କେଉଁ ସତ ଲୁଚିଛି ଯାହାକୁ ବିଜେଡି ସରକାର ଲୁଚାଇଥିଲା ଏବଂ ବିଜେପି ସରକାର ସାମ୍ନାକୁ ଆଣିବାକୁ ଭୟ କରୁଛି। ଯାହାକୁ ନେଇ ଏବେ ତେଜିଛି ରାଜନୀତି। ଅତୀତରେ ଶ୍ରୀମନ୍ଦିରରେ ସଂସ୍କାର ଆଣିବାକୁ ହାଇକୋର୍ଟଙ୍କ ଠାରୁ ସୁପ୍ରିମକୋର୍ଟ ଅନେକ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିରରେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଥିଲେ ମଧ ତାହା ଏପର୍ଯ୍ୟନ୍ତ ପାଳନ ହୋଇପାରିନି।

## ରାଜ୍ୟବ୍ୟାପୀ ପାଳନ ହେଲା ପ୍ରବେଶ ଉତ୍ସବ ଖଡ଼ିଛୁଆଁ: ପୁଣି ଗୁରୁଜୀ ସାଜିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୪/୪ (ନି.ପ୍ର): ରାଜ୍ୟର ସବୁ ସ୍କୁଲରେ ଆଜି ପାଳନ ହୋଇଛି ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ । ବିଦ୍ୟାଳୟରେ ନାଁ ଲେଖାଇଛନ୍ତି ନୂଆ ଛାତ୍ରଛାତ୍ରୀ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ କୁନି କୁନି ପିଲାଙ୍କ ହାତଧରି ଲେଖାଇଛନ୍ତି ମୁଖ୍ୟମନ୍ତ୍ରୀ। ଶିଶୁମାନଙ୍କ ମନରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଶତ ପ୍ରତିଶତ ନାମଲେଖା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଖଡ଼ିଛୁଆଁ ଆମ ସଂସ୍କୃତିର ଏକ ପରମ୍ପରା। ସ୍କୁଲ ଯିବା ପୂର୍ବରୁ ପ୍ରାୟ ସମସ୍ତେ ଏମିତି ଖଡ଼ି ଛୁଇଁ ପାଠ ପଢ଼ା ଆରମ୍ଭ କରିଥାନ୍ତି। କିନ୍ତୁ ଏହାକୁ




ଏକ ଉତ୍ସବ ଭାବେ ପାଳନ କରି ନିଆରା ଉଦାହରଣ ସୃଷ୍ଟି କରିଛି ଗଣଶିକ୍ଷା ବିଭାଗ। ଗୁରୁଜୀରୁ ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ମାଝୀ ପୁଣି ଥରେ କୁନି କୁନି ପିଲାଙ୍କ ହାତ ଧରି ଅକ୍ଷର ଲେଖା ଶିଖାଇଛନ୍ତି। ପାଖରେ ବସାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଲେଖି ଖଡ଼ି ଛୁଆଇଁଛନ୍ତି। ରାଜ୍ୟସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବରେ ଯୋଗଦେଇ ଛୋଟ ଛୋଟ ପିଲାଙ୍କ ସହ

◆◆ପୃଷ୍ଠା ୭

## ନୀରବତା ଭାଙ୍ଗିଲେ ଅନ୍ନାମଲାଇ: ନିର୍ବାଚନ ନଲଢ଼ିବାକୁ ମୁଁ ନିଷ୍ପତ୍ତି ନେଇଛି

ନୂଆଦିଲ୍ଲୀ,୦୪/୪ : ଭାରତୀୟ ଜନତା ପାର୍ଟି ପକ୍ଷରୁ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ୨୭ ଜଣ ପ୍ରାର୍ଥୀଙ୍କ ପୂର୍ଣ୍ଣାଙ୍ଗ ତାଲିକା ପ୍ରକାଶ କରାଯାଇଥିଲା । ତାଲିକାରେ କେ ଆନ୍ନାମଲାଇଙ୍କ ନାମ ନଥିଲା । ଏନେଇ ଆନ୍ନାମଲାଇ ନୀରବତା ଭାଙ୍ଗିଛନ୍ତି । ସେ ଶନିବାର ସ୍ପଷ୍ଟ କରିଛନ୍ତି, ତାମିଲନାଡୁରେ ଆଗାମୀ ବିଧାନସଭା ନିର୍ବାଚନରେ ଲଢ଼ିବାକୁ ଚାହୁଁ ନାହାନ୍ତି। ସେ ଦଳର କୋର କମିଟିକୁ ତାଙ୍କର ନିଷ୍ପତ୍ତି ପୂର୍ବରୁ ଜଣାଇ ଦେଇଥିବା କହିଛନ୍ତି। ଚେନ୍ନାଇରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଅନ୍ନାମଲାଇ କହିଛନ୍ତି, ସେ କୌଣସି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଲିଖିତ ଭାବରେ ଜଣାଇ ଦେଇଛନ୍ତି। ମୁଁ ପୂର୍ବରୁ କୋର କମିଟିକୁ ଲିଖିତ ଭାବରେ ଜଣାଇଥିଲି ଯେ ମୁଁ କୌଣସି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବି ନାହିଁ। ତେଣୁ, ଏହା ନୁହେଁ ଯେ ମୋତେ ଟିକେଟ୍ ମନା କରାଯାଇଛି। ସତ୍ୟ ହେଉଛି ମୁଁ ନିର୍ବାଚନ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛି । ବିଜେପି ନେତା କହିଛନ୍ତି, ଗଣମାଧ୍ୟମରେ ଏହି ମାମଲା ଆଲୋଚନାର ବିଷୟ ପାଲଟିଥିବାରୁମୁଁ ସ୍ପଷ୍ଟୀକରଣ ଦେଉଛି । ଅନ୍ନାମଲାଇ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇଥିବାରୁ ଦଳୀୟ ନେତୃତ୍ୱଙ୍କୁ ଧନ୍ୟବାଦ ମଧ

◆◆ପୃଷ୍ଠା ୭

## କେରଳରେ ସରଗରମ ନିର୍ବାଚନ ପ୍ରଚାର: ଗୋଟିଏ ଦିନରେ ମୋଦୀ ଓ ରାହୁଲଙ୍କ ବିରାଟ ଜନସଭା

ନୂଆଦିଲ୍ଲୀ,୦୪/୪ : କେରଳ ନିର୍ବାଚନୀ ମଇଦାନ ଆଜି ବେଶ୍ ସରଗରମ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାହୁଲ ଗାନ୍ଧୀ ପ୍ରଚାର କରିଥିଲେ। ମୋଦୀ ଏନଡିଏ ପାଇଁ କୋଟ୍ଟାୟାମରେ ନିର୍ବାଚନୀ ସଭା ଓ ତିରୁବନ୍ତପୁରମରେ ରୋଡ୍ ସୋ' କରିଥିଲେ। ୟୁଡିଏଫ୍ ପାଇଁ ଆଲାପୁଜା, ଇଡୁକି ଓ ଏର୍ଣ୍ଣାକୁଲମ ଜିଲ୍ଲାରେ ପ୍ରଚାର କରିଥିଲେ ରାହୁଲ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି ଯେ କେରଳରେ ଏନଡିଏ ସପକ୍ଷରେ



ହାୱା ବହୁଛି। ଅନ୍ୟ ନିର୍ବାଚନଠାରୁ ଚଳିତ ନିର୍ବାଚନ ରାଜ୍ୟ ପାଇଁ ବେଶ୍ ଲାଭଦାୟକ ହେବ। ମୋଦୀ ନମସ୍କାରରୁ ତାଙ୍କ ଭାଷଣ ଆରମ୍ଭ କରି କିଛି ସମୟ ମାଲାୟାଲାମରେ ମଧ କହିଥିଲେ। ନାରୀ ଶକ୍ତିର ବିକାଶ କଥା ଉଠାଇବା ସହ କେରଳ ପରିବର୍ତ୍ତନ ଚାହୁଁଛି ଓ ବାମ ଶାସନ ବିଦାୟ ନେବ ବୋଲି ଆସ୍ଥା ପ୍ରକଟ କରିଥିଲେ ମୋଦୀ। ଏହାପରେ ମୋଦୀ ତିରୁବନନ୍ତପୁରରେ ରୋଡ୍' ସୋ କରିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳରେ ପ୍ରଚାର କରି ଶାସକ ଏଲଡିଏଫ୍ ଓ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ବିଜେପି, ଆରଏସଏସ୍ ଓ ଏଲଡିଏଫ୍ ମଧ୍ୟରେ ସମ୍ପର୍କ ନେଇ କଟାକ୍ଷ କରିଥିଲେ ରାହୁଲ। ସେ ଅଭିଯୋଗ କରିଥିଲେ,

◆◆ପୃଷ୍ଠା ୭

## ଇରାନକୁ ଟ୍ରମ୍ପଙ୍କ ଶେଷ ଚେତାବନୀ: ୪୮ ଘଣ୍ଟା ପରେ ବର୍ଷିବ ନିଆଁ

ନୂଆଦିଲ୍ଲୀ,୦୪/୪ : ଇରାନକୁ ଶେଷ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ହର୍ମୁଜ ପ୍ରଣାଳୀ ଉପରୁ ଅବରୋଧ ନ ହଟାଇଲେ ୪୮ ଘଣ୍ଟା ମଧ୍ୟରେ ଇରାନ ଉପରେ 'ନର୍କର ବର୍ଷା' ହେବ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି । ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି । ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି ଯେ, ଇରାନ ପାଇଁ ସମୟ ଶେଷ ହୋଇ ଆସୁଛି । ପୂର୍ବରୁ ଦିଆଯାଇଥିବା ୧୦ ଦିନର ସମୟସୀମା ଏପ୍ରିଲ ୬ ତାରିଖରେ ଶେଷ ହେଉଥିବା ବେଳେ, ଏବେ



ମାତ୍ର ୪୮ ଘଣ୍ଟା ବାକି ଅଛି । ଯଦି ଇରାନ ହର୍ମୁଜ ପ୍ରଣାଳୀ ଖୋଲିବାକୁ ରାଜି ନହୁଏ, ତେବେ ଆମେରିକା ଭୟଙ୍କର ଆକ୍ରମଣ କରିବ । ଗତ ଫେବୃଆରୀ ୨୮ରୁ ଇସ୍ରାଏଲ ସହ ମିଶି ଆମେରିକା ଆରମ୍ଭ କରିଥିବା ଏହି ଅପରେସନର ଲକ୍ଷ୍ୟ ହେଉଛି ଇରାନର କ୍ଷେପଣାସ୍ତ୍ର କ୍ଷମତା ଓ ନୌସେନାକୁ ଧ୍ୱଂସ କରିବା । ଯୁଦ୍ଧକୁ ୫ ସପ୍ତାହ ବିତିଯାଇଥିଲେ ମଧ ଟ୍ରମ୍ପଙ୍କ ରଣନୀତିରେ ବାରମ୍ବାର ପରିବର୍ତ୍ତନ ଦେଖିବାକୁ ମିଳୁଛି । କେତେବେଳେ ସେ 'ତେଲ' ପାଇଁ ଏହି ଯୁଦ୍ଧ ନୁହେଁ ବୋଲି କହୁଛନ୍ତି ତ ପୁଣି କେତେବେଳେ ତେଲ କବ୍?ଜା କରି ସମ୍ପତ୍ତି ବଢ଼ାଇବା କଥା କହୁଛନ୍ତି । ହର୍ମୁଜ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯେଉଁଠାରୁ ବହୁ ପରିମାଣର ଖଣିଜ ତେଲ ରପ୍ତାନି ହୋଇଥାଏ । ଇରାନ ଏହାକୁ ବନ୍ଦ ରଖିଥିବାରୁ ବିଶ୍ୱ ବଜାରରେ ସଙ୍କଟ ଦେଖାଦେଇଛି । ଟ୍ରମ୍ପ ପ୍ରଥମେ କହିଥିଲେ ଅନ୍ୟ ଦେଶମାନେ ଏହାକୁ ଖୋଲିବେ, କିନ୍ତୁ ଏବେ ସେ କହିଛନ୍ତି ଯେ ୱାଶିଂଟନ୍ ନିଜେ ଏହାକୁ ଖୋଲିବାକୁ ସକ୍ଷମ ।

# କନେଷ୍ଟବଳ ମନୋଜ କୁମାର ପ୍ରଧାନଙ୍କୁ ପୁରସ୍କୃତ କଲେ ଏସ୍‌ପି



ଭଦ୍ରକ, ୦୪/୪ (ନି.ପ୍ର): ଭଦ୍ରକ ଜିଲା ପୁଲିସ୍ ପ୍ରଶାସନର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲାରେ କାର୍ଯ୍ୟ କରୁଥିବା ସହରାଂଚଳ ଥାନାର କନେଷ୍ଟବଳ ମନୋଜ କୁମାର ପ୍ରଧାନଙ୍କୁ ତାଙ୍କର ବିଶିଷ୍ଟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । କନେଷ୍ଟବଳ ମନୋଜ ନିଜର କେତେତକ ବିଶେଷ କାର୍ଯ୍ୟ ପାଇଁ ଏହି ସମ୍ମାନର ଅଧିକାର ହୋଇଛନ୍ତି । ଚୋରା ବାଇକ୍ ରାକେଟ ଠାବ, ବ୍ରାଉନସୁଗାର, ଗଂଜେଇ, ଛିନତାଇ, ଗୃହଚୋରି, କୋଇଲା ଚୋରି , ନାବାଳିକା କନ୍ୟା ଉଦ୍ଧାର, ଚୋରା ଦେଶୀ ଓ ବିଦେଶୀ ମଦ ଓ ଡକାୟତ ଭଳି ବହୁ କେଶ୍‌ରେ ମନୋଜ ନିଜର ପାରଦର୍ଶିତା ଦେଖାଇ ପୁଲିସ୍‌କୁ ସଫଳତା ଦେଇଛନ୍ତି । ଦୀର୍ଘ ୧୮ ବର୍ଷ ଧରି ସେ ତିହିଡି ଓ ଭଦ୍ରକର ସହରାଂଚଳ ଥାନାରେ କାର୍ଯ୍ୟ କରିବା ମଧ୍ୟରେ ନିଷ୍ଠାର ସହ ସେ ପୁଲିସ୍‌କୁ ଏଭଳି ସଫଳତା ଆଣିଦେଇଥିବାରୁ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ବିଭିନ୍ନ କ୍ଷେତ୍ରରେ ଏଭଳି କୃତିତ୍ୱ ଅର୍ଜନ କରିଥିବା ମନୋଜଙ୍କୁ ପୁଷ୍ପଗୁଚ୍ଛ ସହ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଉତ୍ସବରେ ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ସମ୍ପିତ କୁମାର ମାଝୀ, ଅରୂପ ଅଭିଷେକ ବେହେରାଙ୍କ ସମେତ ଜିଲାସ୍ତରୀୟ ବହୁ ବରିଷ୍ଠ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ । ଅତ ତେବେ ଜଣେ ସଚ୍ଚୋଟ, ନିର୍ଭିକ ଓ କର୍ତବ୍ୟନିଷ୍ଠ ପୁଲିସ୍ କର୍ମଚାରୀ ଭାବେ ଶ୍ରୀ ପ୍ରଧାନ ପୁରସ୍କୃତ ହୋଇଥିବାରୁ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଭଦ୍ରକର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ମହାନଗର ବାସିନ୍ଦାଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସଚେତନତା ଯାତ୍ରା

ପୁରୀ, ୦୪/୪ (ନି.ପ୍ର): ପୁରୀ ମହାନଗର ବାସିନ୍ଦାମାନେ କିପରି ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି ନେଇ ସଚେତନତା ଯାତ୍ରାର ଚତୁର୍ଥ ଦିନ ପୂର୍ବ ନିଷ୍ପତି ମତେ ବଳଗଣ୍ଡି ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇ ଶ୍ରୀମନ୍ଦିର ନିକଟରେ ଶେଷ ହୋଇଛି । ଆଜିର ଏହି ସଚେତନତା ଯାତ୍ରାରେ ସୁକାନ୍ତ ପଣ୍ଡା, ଅମରେନ୍ଦ୍ର ପାଇକରାୟ, ସୂର୍ଯ୍ୟ ରଥ, ବିଦୁଲତା ଆଚାର୍ଯ୍ୟ, ତୃପ୍ତି ପଣ୍ଡା, କିଶୋର ଦାସ, ବିଶ୍ୱନାଥ ମିଶ୍ର, ଚନ୍ଦ୍ର ଶେଖର ପାତ୍ର, ସଦାଶିବ ପଣ୍ଡା, ଅମୂଲ୍ୟ ଦାସ, ସତ୍ୟ ନାରାୟନ ସାହୁ, ଆବାହକ ସ୍ୱାଧୀନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀମନ୍ଦିର ସୁରକ୍ଷା ପାଇଁ ସେତେବେଳେ ଜାଗାଘର, ମଲ୍ଲ ଯୋଦ୍ଧା, ପାଇକମାନେ ଓ ଶ୍ରୀମନ୍ଦିର ପାଞ୍ଚକୋଶୀ ବାସିନ୍ଦା ମାନେ ବୀରତ୍ୱର ପରାକ୍ରମ ଦେଖାଇଥିଲେ । ପୁରୀ ବାସିନ୍ଦାଙ୍କ ଧାର୍ମିକ ପରମ୍ପରା ସହ ଶ୍ରୀମନ୍ଦିର ଜଡିତ ।

# ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ



ବାଲିଆପାଳ , ୦୪/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଘଣ୍ଟୁଆ ପରିସରରେ ବ୍ଲକ ସ୍ତରୀୟ 'ପ୍ରବେଶ ଉତ୍ସବ' ଓ 'ଶିକ୍ଷା ସଚେତନତା ରଥ' କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାର ପ୍ରସାର ଓ ଶତ ପ୍ରତିଶତ ନାମଲେଖାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏ.ବି.ଇ.ଓ ତଥା ବି.ଆର.ସି.ସି ନମିତାପ୍ରଭା ସାମଲ ଉପସ୍ଥିତ ରହି ଶିକ୍ଷାର ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର ?ୟ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟୁଆ ସରପଞ୍ଚ ସୁଶୀଲ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ମହେଶ ପ୍ରଧାନ ସିଆରସିସି ହେମନ୍ତ କୁମାର ପ୍ରଧାନ ପ୍ରମୁଖ ମଧ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଅର୍ଚ୍ଚନା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସିଆରସିସି ଯଶୋବନ୍ତ ନୂତନ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବା ଏବଂ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ଗ୍ରାମାଞ୍ଚଳରେ ଶିକ୍ଷା ପ୍ରତି ଜନସଚେତନତା ସୃଷ୍ଟି କରିବା ପାଇଁ ଏହି 'ଶିକ୍ଷା ସଚେତନତା ରଥ' ବ୍ଲକର ବିଭିନ୍ନ ସ୍ଥାନ ପରିକ୍ରମା କରିବ । ଏହି କାର୍ଯ୍ୟକ୍ରମକୁ ସିଆରସିସି ଯଶୋବନ୍ତ ଜେନା, ପତିତପାବନ ପ୍ରଧାନ, ରବୀନ୍ଦ୍ର ବିଶ୍ୱାଳ ସମେତ ବ୍ଲକର ସମସ୍ତ ସିଆରସିସି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ

ନୀଳଗିରି , ୦୪/୪ (ନି.ପ୍ର): ଏକ ଆଧାତ୍ମ୍ୟ ପରିବେଶରେ ଗତ ୨୭ତାରିଖ ପବିତ୍ର ରାମନବମୀ ଠାରୁ ନଅଦିନ ଧରି ନୀଳଗିରି ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଏବଂ ପ୍ରବଚନ ଆଜି ସମାପ୍ତ ହୋଇଯାଇଛି । ପ୍ରଭୁ ବିଷ୍ଣୁଙ୍କ ସପ୍ତମଅବତାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜୀବନୀକୁ ମହର୍ଷି ବାଲ୍ମୀକି ସଂସ୍କୃତଭାଷାରେ ରାମାୟଣ ମହାକାବ୍ୟ ରଚନା କରିଥିଲେ ହେଁ ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ରାମଚରିତ ମାନସ ଲୋକମାନସରେ ସର୍ବଦା ବନ୍ଦିତ । ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ନୀତି ଆଦର୍ଶ, ବଚନରକ୍ଷା, ସର୍ବୋପରି କର୍ତ୍ତବ୍ୟପରାୟଣତା ଉପରେ ଆଧାରିତ ଏଭଳି ପବିତ୍ରଗାଥାକୁ ସମାଜସେବୀ ବ୍ରହ୍ମାନନ୍ଦ ଦାସ, ଅନନ୍ତ କୁମାର ବେହେରା, ପିତାମ୍ବର ପାତ୍ର, ନବକିଶୋର ଦାସଙ୍କ ଭଳି ସୁଜ୍ଞାନିଙ୍କ ଉଦ୍ୟମରେ ଦୀର୍ଘ ନଅଦିନଧରି ଏଭଳି ଆୟୋଜନ କରାଯାଇଥିଲା । ପ୍ରଥମ ଦିବସରେ ପଣ୍ଡିତ ଦେବାଶିଷ ଦ୍ୱିବେଦୀ, ପରେ ବାଙ୍କୀରୁ ଆସିଥିବା ପ୍ରବଚିକା ଗୀତାଞ୍ଜଳି ଜେନାଙ୍କ ଦ୍ୱାରା ୩ଦିନ ଧରି ରାମଚରିତ ମାନସ ଉପରେ ଭାବଗର୍ଭକ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ଶେଷ ୫ଦିନ ପୁରୀରୁ ଆସିଥିବା ପଣ୍ଡିତ ଲକ୍ଷ୍ମଣାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଅତିସୁନ୍ଦର ଭାବରେ ପ୍ରବଚନ ବ୍ୟାଖ୍ୟା ହୋଇଥିଲା । ପ୍ରତିଦିନ ସନ୍ଧ୍ୟାରେ ଶହଶହ ସଂଖ୍ୟାରେ ଶ୍ରୋତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିବା ବେଳେ ଶେଷସନ୍ଧ୍ୟାରେ ପ୍ରବଚନ ଓ ଜ୍ଞାନଯଜ୍ଞ ସହ ଭକ୍ତମାନଙ୍କ ଉଦ୍ଦେଶ୍ୟରେ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଯାହାକୁ ଅତି ଆନନ୍ଦରସହିତ ସେବନ କରିଥିବା ଦେଖିବାକୁ ମିଳିଥିଲା ।

## ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ଜୟନ୍ତୀ

ବଡସାହି, ୦୪/୪ (ନି.ପ୍ର): ବଡସାହି ମାଟିରୁ ବଡପୁଅ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ନାମରେ ଗଠିତ ସ୍ଥାନୀୟ ପୂର୍ଣ୍ଣମାସୀ ସେବା ସଂସ୍ଥାନ ଆନୁକୂଲ୍ୟରେ ରୁଦ୍ରାଳୀ ମଣ୍ଡପଠାରେ ଶ୍ରୀଯୁକ୍ତ ବୁଗୁଡେଇଙ୍କ ୭୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଟ୍ରଷ୍ଟି ରାଜକିଶୋର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ପାଳିତ ଉତ୍ସବରେ ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ, ଗବେଷକ ଡ: ଜଗବନ୍ଧୁ ଆଚାର୍ଯ୍ୟ, ସମାଜସେବୀ ରଣଜିତ୍ କୁମାର ଦାସ, ରାଜେନ୍ଦ୍ର ଜେନା, ଶଚ୍ଚିଦାନନ୍ଦ ବିଶ୍ୱାଳ, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଦୁନିଆରେ ପଇସାବାଲା ବହୁତ ଅଛନ୍ତି କିନ୍ତୁ ସେମାନେ କର୍ମ ଘେନି ଧନ୍ୟ ବା ସମାଜ ପାଇଁ ସ୍ମରଣୀୟ ନାମ ନୁହଁନ୍ତି ବୋଲି ବକ୍ତବ୍ୟ ରଖିଥିଲେ । ଧର୍ମରତ୍ନ ବୁଗୁଡେଇ କିନ୍ତୁ ରଙ୍କରୁ ରାଜା ହୋଇ ଦେଖାଇ ଉଭର ଓଡିଶାରେ ଯାନ୍ତ୍ରିକ ଶିକ୍ଷାର ପ୍ରତିଷ୍ଠାତା ଏବଂ ଓଡିଶାରେ ପ୍ରଥମ ମାନବ ଧର୍ମର ପ୍ରବର୍ତ୍ତକ ହେତୁ ଭୂମିରେ ଭୂମା ମନ୍ତବ୍ୟ ରଖିଥ ?ିଲେ । ଉତ୍ସବରେ ବଡସାହି ନାରାୟଣ ବସ୍ତିରେ ସମସ୍ତଙ୍କୁ ବିସ୍କୁଟ, ଫଳ ବଂଟନ ସହ ବସ୍ତ୍ରଦାନ କରାଯାଇଥିଲା । ପୁଣି ଗ୍ରାମର ୮୦ବର୍ଷରୁ ଉର୍ଦ୍ଧ୍ୱ ୧୧ଜଣ ବୟୋଜ୍ୟେଷ୍ଠ ମାନଙ୍କୁ ବନ୍ଦାପନା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ଶେଷରେ ସମାଜସେବୀ ଟ୍ରଷ୍ଟି ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସେଲ୍‌ର ସିଏମଡି ଭାବରେ ଶ୍ରୀ କେକେ ସିଂହଙ୍କ ଅତିରିକ୍ତ ଦାୟିତ୍ୱ ଗ୍ରହଣ



ରାଉରକେଲା, ୦୪/୪ (ନି.ପ୍ର): ଶ୍ରୀ କୃଷ୍ଣ କୁମାର ସିଂହ, ନିର୍ଦ୍ଦେଶକ (କାର୍ମିକ), ୦୨ ଏପ୍ରିଲ, ୨୦୨୬ ରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଇସ୍ପାତ କାରଖାନା ପରିଚାଳନା ଏବଂ ରକ୍ଷଣାବେକ୍ଷଣ, ମାନବ ସମ୍ବଳ ବିକାଶ, ସତର୍କତା ଏବଂ କର୍ମଚାରୀ ଏବଂ ପ୍ରଶାସନ ସମେତ ବିବିଧ କାର୍ଯ୍ୟରେ ପ୍ରାୟ ଚାରି ଦଶନ୍ଧିର ବ୍ୟାପକ ଅଭିଜ୍ଞତା ସହିତ - ଶ୍ରୀ ସିଂହ SAIL ର ଅଭିବୃଦ୍ଧି କାହାଣୀରେ ଏକ ପ୍ରମୁଖ ଅବଦାନକାରୀ । ସେ ୧୯୮୭ ମସିହାରେ ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ଜଣେ ପରିଚାଳନା ପ୍ରଶିକ୍ଷାର୍ଥୀ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ, ଯେଉଁଠାରେ ସେ ମାନବ ସମ୍ବଳ ବିକାଶ ବିଭାଗକୁ ସ୍ଥାନାନ୍ତର ହେବା ପୂର୍ବରୁ ବ୍ଲୁମିଂ ଏବଂ ବିଲେଟ୍ ମିଲରେ ଏକ ଦଶନ୍ଧିରୁ ଅଧିକ ସମୟ ବିତାଇଥିଲେ । କ୍ରମାଗତ ଭାବରେ ପଦୋନ୍ନତି ପାଇ, ସେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଭାରପ୍ରାପ୍ତ) କାର୍ମିକ ଏବଂ ପ୍ରଶାସନ ସମେତ ଅନେକ ନେତୃତ୍ୱ ପଦବୀରେ ଅଧିଷ୍ଠିତ ହୋଇଛନ୍ତି ଏବଂ ୨୦୨୨ ମସିହାରେ ନିର୍ଦ୍ଦେଶକ (କାରମିକ) ଭାବରେ ନିଯୁକ୍ତ ହୋଇଥିଲେ , ଯାହା ତାଙ୍କର ଗଭୀର କ୍ଷେତ୍ର ବିଶେଷଜ୍ଞତା ଏବଂ ଦୃଢ଼ ନେତୃତ୍ୱ ପ୍ରମାଣପତ୍ରକୁ ପ୍ରତିଫଳିତ କରେ ।

ନିର୍ଦ୍ଦେଶକ (କାର୍ମିକ) ଭାବରେ ତାଙ୍କର ବର୍ତ୍ତମାନର ଦାୟିତ୍ୱରେ, ଶ୍ରୀ ସିଂହ ଝଇଓଖ ର ମାନବ ସମ୍ବଳର ପରିବର୍ତ୍ତନର ନେତୃତ୍ୱ ନେଇଛନ୍ତି, କର୍ମଶକ୍ତିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ପାଇଁ ପ୍ରଗତିଶୀଳ କର୍ମଚାରୀ କଲ୍ୟାଣ ଏବଂ ବିକାଶ ଯୋଜନା ପ୍ରଣୟନ କରିଛନ୍ତି । ତାଙ୍କ ନେତୃତ୍ୱ ଝଇଓଖ ର ଲୋକ-କୈନ୍ଦ୍ରିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା ସହିତ ଉଗଡ ଭାବରେ ସଂଗଠନକୁ ଅଧିକ ଉତ୍କର୍ଷତା ଏବଂ ନବସୃଜନ ଆଡ଼କୁ ମାର୍ଗଦର୍ଶନ କରିଚାଲିଛି ।

## ବିରୋଧୀଙ୍କ ଧର୍ମ ହେଲା କେବଳ ବିରୋଧ କରିବା : ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୦୪/୪ (ନି.ପ୍ର): ବଂଶଧାରା ନଦୀ ଜଳ ବଂଟନ ନେଇ ବହୁ ବର୍ଷ ଧରି ଚାଲିଥିବା ବିବାଦ ନୂଆ ମୋଡ଼ ନେଇଛି । ଆନ୍ଧ୍ରର ଦାବିକୁ ସ୍ୱୀକାର କରି ଗେଜେଟ ନୋଟିଫିକେଶନ ପ୍ରକାଶ ପାଇଛି । ଟ୍ରିବ୍ୟୁନାଲ୍ ର ରାୟ ଓଡ଼ିଶାକୁ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ଲାଗି ଲାଭଦାୟକ ହୋଇଛି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ ବିରୋଧୀଙ୍କ ଧର୍ମ ହେଲା କେବଳ ବିରୋଧ କରିବା । ସରକାର ଯେତେ ଭଲ କଲେବି ସେମାନେ ବିରୋଧ କରିବେ । ପୂର୍ବ ସରକାରଙ୍କ ପାଖରେ ବହୁତ ଅବସର ଥିଲା କିଛି କରିବା ପାଇଁ ହେଲେ କିଛି କଲେ ନାହିଁ । କମ ଦିନର ସରକାର ସବୁ ଦିଗକୁ ନଜର ଦେଉଛନ୍ତି ଓ ସଚେତନ ଅଛନ୍ତି ।

# ଓଡ଼ିଆ ପକ୍ଷ ପାଳିତ

ଭଦ୍ରକ , ୦୪/୪ (ନି.ପ୍ର): ଓଡ଼ିଆପକ୍ଷପାଳନଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆଜି ବିଭିନ୍ନ ଦୋକାନ ଓ ବାଣିଜ୍ୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି ।ଏହି ପଦଯାତ୍ରାକୁ ଜିଲ୍ଲାପାଳ ଓ ପୌରପାଳିକା ଅଧକ୍ଷାଙ୍କ ଦ୍ୱାରା ସକାଳ ୯ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଥିଲା । ପଦଯାତ୍ରାଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲା ।ଏହି ସଚେତନତା ପଦଯାତ୍ରାରେ ପୌରପାଳିକା ଅଧକ୍ଷା, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ନିୟନ୍ତ୍ରିତ ବଜାର ସମିତି ସଦସ୍ୟ, ସମସ୍ତ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ, ପ୍ରଧାନ ଶିକ୍ଷକମାନେ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ମଣ୍ଡଳ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ), ସମସ୍ତ ସହ ଶ୍ରମ ଅଧିକାରୀ, ଶ୍ରମ ବିଭାଗର କର୍ମଚାରୀ, ଟାଉନ ଥାନା ଅଧିକାରୀ, ରୋଟାରୀ କ୍ଲବ, ଲାୟନ୍ସ କ୍ଲବ, ଫେଲୋସିପ ସଂଗଠନର ସଦସ୍ୟମାନେ, ଓ୍ୱାନ୍ ଷ୍ଟପ୍ ସେଣ୍ଟର ଓ ଚାଇଲ୍ଡଲାଇନ୍ ସଦସ୍ୟମାନେ, ବିଭିନ୍ନ ବୁଦ୍ଧିଜୀବୀ, କାଳୀପୂଜା ସମିତି ସଦସ୍ୟମାନେ, ଫେଙ୍କର୍ ଓ ଫେଙ୍କର୍ ଶ୍ରମିକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ, ସ୍ଥାନୀୟ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ, ଗାନ୍ଧୀ ଆବାସିକ କେନ୍ଦ୍ରର ସଦସ୍ୟ ଓ ଛାତ୍ରଛାତ୍ରୀ, ବିଭିନ୍ନ ବଣିକ ସଂଗଠନର ସଦସ୍ୟମାନେ, ପୋଲିସ କର୍ମଚାରୀ, ସାମ୍ବାଦିକମାନେ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ ।

# ଉଜ୍ଜୟିନୀରେ 'ମହାକାଳ : ଦ ମାଷ୍ଟର ଅଫ୍ ଟାଇମ୍' ଆନ୍ତର୍ଜାତୀୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଉଜ୍ଜୟିନୀ/ମଧ୍ୟପ୍ରଦେଶ, ୦୪/୪ : ପୁରୀ, ଉଜ୍ଜୟିନୀ ଏବଂ କାଶୀ ଭାରତୀୟ ଜ୍ଞାନ ପରମ୍ପରାର ପ୍ରମୁଖ କେନ୍ଦ୍ର, ଯେଉଁଠାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ ବୋଲି ଆଜି ବାବା ମହାକାଳଙ୍କ ପବିତ୍ର ନଗରୀ ଉଜ୍ଜୟିନୀ (ଅବନ୍ତୀକା)ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବ ଏବଂ ଆରଏସଏସର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ସୁରେଶ ସୋନୀଙ୍କ ସହ ମିଳିତ ଭାବେ 'ମହାକାଳ: ଦ ମାଷ୍ଟର ଅଫ୍ ଟାଇମ୍' ଆନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ 'ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ୨୦୨୬-୨୭' ର ୱେବସାଇଟ୍ ଏବଂ ପୁସ୍ତିକା ଉନ୍ମୋଚନ କରିଛନ୍ତି । ସେ କହିଛନ୍ତି ଯେ,ଉଜ୍ଜୟିନୀ କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ସମୟ ଗଣନାର ଏକ ପ୍ରମୁଖ କେନ୍ଦ୍ର । ଉଜ୍ଜୟିନୀକୁ ପୁନର୍ବାର 'ଗ୍ଲୋବାଲ୍ ମେରିଡିଆନ୍' ବା ବିଶ୍ୱ ସମୟ ନିର୍ଦ୍ଧାରଣର ମାନକ ଭାବେ ପ୍ରତିଷ୍ଠା କରିବା ପାଇଁ ଚାଲିଥିବା ପ୍ରୟାସ ଆମର ପ୍ରାଚୀନ ବିଜ୍ଞାନକୁ ଆଧୁନିକ ଯୁଗ ସହ ଯୋଡ଼ିବ । ଅପରପକ୍ଷରେ ଜାତୀୟ ଶିକ୍ଷା ନୀତି -୨୦୨୦ ମାଧ୍ୟମରେ ଭାରତ ଆଜି ଟି.ବି ମାକାଉଲେଙ୍କ ପରାଧୀନ ଶିକ୍ଷା ମାନସିକତାରୁ ବାହାରି ନିଜର ମୂଳ ଜ୍ଞାନ ଓ ଭାଷା ସହିତ ଯୋଡ଼ି ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏକ ସ୍ୱାଭିମାନୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଆଗେଇ ଚାଲିଛି ବୋଲି ସେ କହିଛନ୍ତି ।

ଏହି ଅବସରରେ ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବୃଦ୍ଧି କରିବା ଲକ୍ଷ୍ୟରେ ଏକ 'ଉଜ୍ଜୟିନୀ ସାଇନ୍ସ ସେଣ୍ଟର' ର ଲୋକାର୍ପଣ କରିଛନ୍ତି । ଏହି ବିଜ୍ଞାନ କେନ୍ଦ୍ର ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନୂତନ ଅନୁସନ୍ଧାନ ଏବଂ କିଛି ନୂଆ ଜାଣିବାର ଆଗ୍ରହ ବଢ଼ାଇବାରେ ଏକ ବଡ଼ ମାଧ୍ୟମ ହେବ । ଉଜ୍ଜୟିନୀର ଆଧ୍ୟାତ୍ମିକ ପରମ୍ପରା ସହ ଆଧୁନିକ ବିଜ୍ଞାନର ଏହି ମିଳନ ଯୁବପିଢ଼ିଙ୍କୁ ଜ୍ଞାନୀ ଏବଂ ସଂସ୍କାରୀ କରିବ ବୋଲି ସେ କହିଛନ୍ତି । ଗସ୍ତ କାଳରେ ଶ୍ରୀ ପ୍ରଧାନ ଶ୍ରୀ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ କରିବା ସହ ଗୋ-ସେବା କରିଥିଲେ । ଗୋ-ସେବାକୁ ସେ ଭାରତୀୟ ସଂସ୍କୃତିର କରୁଣା ଓ ସଂବେଦନାର ଜୀବନ୍ତ ସ୍ୱରୂପ ବୋଲି ସେ ଅଭିହିତ କରିଛନ୍ତି ।

## ପଞ୍ଚାୟତସ୍ତରୀୟ କିଶୋରୀ ମେଳା ପାଳନ

ବସ୍ତା, ୦୪/୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅନ୍ତର୍ଗତ ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା ସଦର ରୁରାଲ ସି ଡ଼ି ପି ଓ ରଙ୍ଗଲତା ମହାନ୍ତିଙ୍କ ତତ୍ତ୍ୱାବଧନରେ ରେ କସିପଦା ପଞ୍ଚାୟତ ସ୍ଥିତ ସୁଲୋଚନା ନୋଡାଲ ଉପ୍ରା ବିଦ୍ୟାଳୟ ରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ରୂପସା ସେକ୍ଟର ସୁପର ଭାଇଯର ଶ୍ରଦ୍ଧାଞ୍ଜଳି ଭାରତୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି କସିପଦା ସରପଞ୍ଚ ଗଙ୍ଗାମଣି ବେହେରା , ସମ୍ମାନିତ ଅତିଥି ନାଇବ ସରପଞ୍ଚ ଗଦାଧର ବଡାଇ , ଏ ଏନ୍ ମ ଦିଦି ପ୍ରତିଭା ଗିରି , ୬ ନମ୍ବର ଓ୍ୱାର୍ଡ ର ଓ୍ୱାର୍ଡ ସଭ୍ୟ ନିରଞ୍ଜନ ମଲ୍ଲିକ , ପ୍ରଧାନ ଶିକ୍ଷକ ହରେନ୍ଦ୍ର ସିଂ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ପାଖରେ ଥିବା ଅନ୍ତର୍ନିହିତ ପ୍ରତିଭା ପରିପୁଷ୍ଟ ହେବା ପାଇଁ ଏହି କାର୍ଯ୍ୟ କୁ ସମସ୍ତେ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ୧୫ ବର୍ଷ ରୁ ୧୯ ବର୍ଷ ମଧ୍ୟରେ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ଅଧୀନରେ ଥିବା କିଶୋରୀ ବାଳିକା ମାନଙ୍କୁ ନେଇ ବକ୍ତୃତା , ଚିତ୍ରାଙ୍କନ , ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । କୃତି କିଶୋରୀ ମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ । ପରିଶେଷରେ ଅଙ୍ଗନୱାଡ଼ି ଦିଦି ସୁଜାତା ଜେନା ଉପସ୍ଥିତ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା

ବାରିପଦା, ୦୪/୪ (ନି.ପ୍ର): 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ ତରଫରୁ ଜିଲ୍ଲାସ୍ତରୀୟ 'ଓଡ଼ିଆରେ ନାମ ଫଳକ ଲେଖା' ଅଭିଯାନ ଆୟୋଜିତ ହୋଇଛି । "ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍, ୧୯୫୬" ଅନୁଯାୟୀ ଜିଲ୍ଲାର ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କର ନାମ ଫଳକକୁ ନିର୍ଭୁଲ ଏବଂ ସ୍ୱଷ୍ଟ ଭାବରେ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାରିପଦାରୁ ଏକ ସଚେତନତା ପଦଯାତ୍ରା ଓ ରଥଯାତ୍ରା ଆୟୋଜିତ ହୋଇଛି । ଏହା ସହରର ବିଭିନ୍ନ ପ୍ରମୁଖ ଅଞ୍ଚଳ ମଧ୍ୟଦେଇ ରାଲି କରି ସ୍ଥାନୀୟ ଛଉ ପଡ଼ିଆରେ ସମାପନ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ନରେନ୍ଦ୍ର ଗଇପାଇ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଶୁଭାଶିଷ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶ୍ରମ ସଂଗଠନ, ସ୍ୱେଚ୍ଛାସେବୀ, ଏନଜିଓ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ, ଓଡ଼ିଆ ଭାଷାର ମହତ୍ତ୍ୱ, ଏହାର ସଂରକ୍ଷଣ ଓ ସାମାଜିକ ଜୀବନରେ ଏହାର ବ୍ୟାପକ ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ନିଜ ଦୋକାନ ଓ ପ୍ରତିଷ୍ଠାନର ନାମ ଫଳକକୁ ଓଡ଼ିଆରେ ଲେଖିବା ମାଧ୍ୟମରେ ଆମେ ନିଜ ଭାଷାକୁ ସମ୍ମାନ ଦେବା ସହ ଏହାର ସମୃଦ୍ଧିକୁ ଆଗେଇ ନେଇପାରିବା ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ । ସେହିପରି, ସଚେତନତା ପଦଯାତ୍ରା ପରେ ବିଭିନ୍ନ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଦଳ ଦ୍ୱାରା ବିଭିନ୍ନ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କର ନାମଫଳକ ନିରୀକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଶ୍ରମ ଅଧିକାରିଣୀ, ବାରିପଦା ପାନମଣୀ ସୋରେନ୍, ଅତିରିକ୍ତ ଶ୍ରମ ଅଧିକାରୀ ତନ୍ମୟ ବସା, ଗୋବିନ୍ଦ ସୋରେନ୍, ସ୍ମୃତିରେଖା ନାଥ୍, ଟିକିଲିମଣୀ ସୋରେନ୍ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଖଡ଼ି ଛୁଆଁ ଉତ୍ସବ



ବୈଶିଙ୍ଗା , ୦୪/୪ (ନି.ପ୍ର): ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଆଜି ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିଶୁବାଟିକା ଶ୍ରେଣୀର ୯ ଜଣ ଛାତ୍ରଛାତ୍ରୀ ଓ ପ୍ରଥମ ଶ୍ରେଣୀର ୧୨ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ ପିଲାମାନଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ମାଗଣା ପାଠ୍ୟପୁସ୍ତକ ସହ ବିଦ୍ୟାଳୟ ତରଫରୁ ସ୍ଲେଟ, ଖଡି,ଛବିଳ ମଧୁ ବର୍ଣ୍ଣବୋଧ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏଥି ସହିତ ବିଦ୍ୟାଳୟ ତରଫରୁ କରାଯାଇଥିବା ୩ଟି ଷ୍ଟଲ,ଯଥା:- ଖେଳ ଘର,ଗପରାଇଜଏବଂ ରଙ୍ଗ ପସରା ଷ୍ଟଲରେ ଶିକ୍ଷିକାମାନେ ପିଲାମାନଙ୍କୁ ବିଭିନ୍ନ ଶିକ୍ଷଣୀୟଗଳ୍ପ କହିବା, ଖେଳନାରେ ନୂଆ ନୂଆ ଖେଳ ଖେଳିବା, ବିଭିନ୍ନ ଚିତ୍ର ଅଙ୍କନ କରିବା ସହିତ ରଙ୍ଗ କାମ କରିଥିଲେ । ପିଲାମାନେ ବିଦ୍ୟାଳୟର ଖେଳିବା ସ୍ଥାନ, ଶୌଚାଳୟ, ହାତ ଧୋଇବା ସ୍ଥାନ ଆଦି ଶିଶୁ ସେବିକା ଝୁଲଣା ରାୟଙ୍କ ସହ ବୁଲି ଦେଖିଥିଲେ ଏବଂ ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷିକା ପ୍ରତିମା ପରିଡା, ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ, ମାଳତୀ ମାଝୀ,ମଣ୍ଟୁ ମାର୍ଣ୍ଡି ତଥା ପରିଚାଳନା କମିଟି ସଦସ୍ୟ ଭବାନୀଶଙ୍କର ମହାନ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ଏପ୍ରିଲ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



## ୩୦ ଦସ୍ୟୁ ଅଙ୍ଗୁଳିମାଳା

କୋଶଳ ରାଜାଙ୍କ ପରାମର୍ଶଦାତା ଥିଲେ ଅଙ୍ଗୁଳିମାଳା। ତାଙ୍କ ପିତାଙ୍କ ନାମ ଥିଲା ଭଗ୍ଗୱା ଓ ମାତାଙ୍କ ନାମ ମନ୍ତନୀ। ତାଙ୍କ ପ୍ରକୃତ ନାମ ଥିଲା ଅହିଂସକ।

ଯେତେବେଳେ ସେ ଜନ୍ମନେଲେ ଦେଶର ସମସ୍ତ ଅସ୍ତ୍ରଶସ୍ତ୍ର ଆପେଆପେ ଖୁବ୍ ଉଜ୍ଜ୍ୱଳ ଦେଖାଗଲା। ରାଜା ଖୁବ୍ ଭୟଭୀତ ହୋଇଗଲେ ଏବଂ ପରଦିନ ସକାଳେ ସେ ତାଙ୍କର ପରାମର୍ଶଦାତାଙ୍କୁ ଡାକି ଅସ୍ତ୍ରଶସ୍ତ୍ରଗୁଡ଼ିକ କାହିଁକି ଚମକୁଛି, ତାହାର କାରଣ ଜାଣିବାକୁ ଚାହିଁଲେ। ପରାମର୍ଶଦାତା କହିଲେ, "ମହାରାଜ, ମୋର ପତ୍ନୀ ଏକ ପୁତ୍ର ସନ୍ତାନର ମାଆ ହୋଇଛନ୍ତି।"

"ତେବେ ଅସ୍ତ୍ରଗୁଡ଼ିକ ଏପରି କାହିଁକି ଚମକୁଛି ?" - ରାଜା ପଚାରିଲେ।

"ମହାରାଜ, ମୋ ପୁଅ ଜଣେ ଦସ୍ୟୁ ହେବ, ଏକ ଚମତ୍କାର ଡକାୟତ।"

"ସେ ଏକା ଡକାୟତି କରିବ ନା କୌଣସି ଦଳ ସହିତ ?" - ରାଜା ପଚାରିଲେ।

"ସେ ଏକାଏକା କରିବ, ମହାରାଜ।" - ବାପା କହିଲେ।

"ତେଣୁ ଆମେ ତାକୁ ଏବେ କାହିଁକି ହତ୍ୟା ନ କରିବା ?" - ରାଜା ପଚାରିଲେ।

"ଯେହେତୁ ସେ ଏକା, ତେଣୁ ଆମେ ତାକୁ ଅପରାଧ କଲାବେଳେ ପ୍ରତ୍ୟକ୍ଷରେ ଧରିପାରିବା।" - ବାପା କହିଲେ।

ଯେତେବେଳେ ଅହିଂସକ ବିଦ୍ୟାଳୟ ଯିବାର ଯୋଗ୍ୟ ହୋଇଗଲା, ତା'ର ବାପା ତାକୁ ତକ୍ଷଶିଳାର ଏକ ବିଦ୍ୟାଳୟକୁ ପଠାଇଲେ। ଅହିଂସକ ବିଦ୍ୟାଳୟର ସବୁ ପିଲାଙ୍କ ମଧ୍ୟରେ ସବୁଠୁ ଶକ୍ତିଶାଳୀ, ଚମତ୍କାର ଓ ଆଜ୍ଞାବହ ଛାତ୍ର ଥିଲେ। ଏଥିପାଇଁ ଅନ୍ୟ ପିଲାମାନେ ତାକୁ ଈର୍ଷା କରୁଥିଲେ। ସେମାନେ ଶିକ୍ଷକମାନଙ୍କ ପଛରେ ଗାଳିକରିବା ସହ ଅହିଂସକଙ୍କୁ ମଧ୍ୟ ଘୃଣା କରିବାକୁ ଲାଗିଲେ। ଯେତେବେଳେ ତା'ର ଶିକ୍ଷା ସମାପ୍ତ ହେଲା, ଶିକ୍ଷକ ତାକୁ କହିଲେ, "ଏବେ ଏଠାରେ ତୁମର ଅଧ୍ୟୟନ ସମାପ୍ତ ହୋଇଛି। ତେଣୁ ତୁମେ ଏହି ପାଠଶାଳା ତ୍ୟାଗ କରିବା ପୂର୍ବରୁ ମୋତେ



ଦକ୍ଷିଣା ପ୍ରଦାନ କର।"

"ଆପଣଙ୍କୁ ମୁଁ କେତେ ଦେବି ମହାଶୟ ?" - ଅହିଂସକ ପଚାରିଲେ।

"ତୁମେ ମୋତେ ନଗଦ କିଛି ଦେବାକୁ ପଡ଼ିବ ନାହିଁ। ତୁମେ ମୋତେ ଏକହଜାର ଡାହାଣ ହାତର ମଣିଷ ଆଙ୍ଗୁଳି ଆଣି ଦିଅ," କହିଲେ ଗୁରୁ। ଯଦିଓ ଅହିଂସକଙ୍କ ପାଇଁ ଏହାଥିଲା ସବୁଠାରୁ କଷ୍ଟକର କାର୍ଯ୍ୟ, ତଥାପି ତାହା କରିବାକୁ ସେ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ଯେତେବେଳେ ସେ ଯିବାପାଇଁ ପ୍ରସ୍ତୁତ ହେଲେ, ଗୁରୁ ପଛରୁ ତାକୁ ଡାକି କହିଲେ, "ମନେରଖିବ, କୌଣସି ବ୍ୟକ୍ତିର ଡାହାଣ ହାତରୁ ଦୁଇଟି ଆଙ୍ଗୁଳି ଆଣିବ ନାହିଁ।" କାରଣ ସେ ଆଶା କରୁଥିଲେ ଯେ ଅହିଂସକ କେବଳ ଗୋଟିଏ ଆଣିବ ଏବଂ ତା'ପରେ ତାକୁ ସେ ଦଣ୍ଡ ଦେଇପାରିବେ।

ଅହିଂସକ ପୂର୍ବରୁ କେବେ କାହାର କ୍ଷତି କରିନଥିଲେ। ଲୋକଙ୍କ ଆଙ୍ଗୁଠି କିପରି କଟାଯାଏ ତାହା ବି ସେ ଜାଣିନଥିଲେ। ତଥାପି, ତାଙ୍କୁ ଗୁରୁଙ୍କ କଥା ମାନିବାକୁ ପଡ଼ିବ। ହାତରେ ସେ ଏକ ଖଣ୍ଡା ଧରି ଚାଲିଚାଲି କୋଶଳ ରାଜ୍ୟରେ ପହଞ୍ଚିଲେ, ଯେଉଁଠାରେ ଭଗୱା ନାମକ ଜଣେ ରାଜା ଶାସନ କରୁଥିଲେ। ଏକ ଜଙ୍ଗଲୀ ରାଜପଥ ନିକଟରେ ଲୁଚିରହି ସେହି ବାଟଦେଇ ଯାଉଥିବା ଲୋକଙ୍କୁ ସେ ଅପେକ୍ଷା କରୁଥିଲେ ଏବଂ ଯେତେବେଳେ ସେ କୌଣସି ବ୍ୟକ୍ତିଙ୍କୁ ଦେଖୁଥିଲେ ତାକୁ ଆକ୍ରମଣ କରୁଥିଲେ, ହତ୍ୟା କରୁଥିଲେ, ଡାହାଣ ହାତରୁ ଏକ ଆଙ୍ଗୁଳି କାଟି ଗଛରେ ଝୁଲାଇ ଦେଉଥିଲେ, ଯେପର୍ଯ୍ୟନ୍ତ ଶାଗୁଣା ଓ କୁଆମାନେ ଏହାର ହାଡ଼ ଛାଡ଼ି ସବୁ ମାଂସ ଖାଇ ନ ଯାଇଛନ୍ତି। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମନଗହନର କଥା...



"ମଣିଷର ଅସହାୟତା କଥା ବିଚାରକୁ ନେଲେ, ମୁଁ ଠିକ୍ ବୁଝିଛି, ମଣିଷ ମାତ୍ରେ ଅସହାୟ। ମଣିଷର ଏ ଅସହାୟତା ବଡ ଟ୍ରାଜିକ୍। ସେଇ ଟ୍ରାଜିକ୍ ଅସହାୟତା ମୋତେ ଅନେକ ସମୟରେ କଲବଲ୍ କରେ। ସେଇ ସମୟରେ ମୋର ଆତ୍ମା କାନ୍ଦିଉଠେ।

ସେଇ କ୍ରନ୍ଦନଟି ମୋତେ ଅହରହ ଅକ୍ତିଆର କରି ରଖିଥାଏ ସେଇ ପର୍ଯ୍ୟନ୍ତ, ଯେ ପର୍ଯ୍ୟନ୍ତ ମୁଁ ତାକୁ ମୋର ଭାବାନୁସାରୀ ଶବ୍ଦ ଓ ଶୈଳୀ ଜରିଆରେ ନ ଲେଖିଛି। ଲେଖିସାରିଲା ପରେ ଲାଗେ, ସମସ୍ୟାଟା ସମାଧାନ ହୋଇଗଲା। ବଡ଼ ଆଶ୍ୱସ୍ତ ଲାଗେ। ମୋତେ ଲାଗେ, ମୋ ଚାରିପାଖର ଅସ୍ଥିର ଓ ବିଭ୍ରାନ୍ତ ବିଶ୍ୱ ଶାନ୍ତ ହୋଇ ଯାଇଛି। ମୋତେ ପ୍ରତିଥର ସାନ୍ତ୍ୱନାଟିଏ ମିଳିଯାଏ ଯେ, ଏ ପୃଥିବୀରେ ଆଉ କୌଣସି ବିପ୍ଳାତ ଘଟିବ ନାହିଁ କିମ୍ବା ଅଧର୍ମର ରାଜତ୍ୱ ସମ୍ଭବ ହେବ ନାହିଁ।

ମୋ' ଲେଖାରେ ମୁଁ ଆଦୌ ସନ୍ତୁଷ୍ଟ ହୋଇପାରୁନାହିଁ କେବେ ବି। ସେଇଥିପାଇଁ ତ ମୋ' କଲମ ଧରିଥିବା ହାତ ଅଟକି ଯାଉନାହିଁ। ଯେତେବେଳେ ଜୀବନକୁ ସାମ୍ନା କରୁଛି, ତାହା ଅଧିକରୁ ଅଧିକ ଦୁର୍ବୋଧ୍ୟ ବୋଲି ପ୍ରତୀୟମାନ ହେଉଛି।

ମନେ ହେଉଛି ସମଗ୍ର ମଣିଷଜୀବନ ରହସ୍ୟର ଗୋଟାଏ ଗମ୍ଭୀରିଘର। ସେଇ ରହସ୍ୟମୟ ଜୀବନର ଐଶ୍ୱର୍ଯ୍ୟ ଉଦ୍‌ଘାଟନ କରିବା ପାଇଁ ମୁଁ ମୋର ଗଳ୍ପ ଲେଖିବାର ସଂଗ୍ରାମ ଚାଲୁରଖିଛି। ସେଇ ଉଲ୍ଲାସ ପରିପୂର୍ଣ୍ଣ ସାରସ୍ୱତ ସଂଗ୍ରାମରୁ ଆଉ କିଛି ମିଳୁ କି ନମିଳୁ ଅନ୍ତତଃ ଏତିକି ସାନ୍ତ୍ୱନା ମିଳିବ ଯେ, ଅନ୍ୟାନ୍ୟ ଆର୍ଥିକ ତଥା ବୈଷୟିକ ଦିଗରୁ ମୁହଁ ଫେରାଇ ମୁଁ ଯେଉଁଆଡେ ଦୌଡୁଛି, ତାହା ମରୁଭୂମିଟିଏ ଆଦୌ ନୁହେଁ; ବରଂ ସେଠାରୁ ମୋର ବଞ୍ଚିବା ଲାଗି ଦୁଇବୁନ୍ଦା ପାଣି ଓ ନିଃଶ୍ୱାସ ନେବା ଲାଗି ତିଳାର୍ଦ୍ଧ ପବନ ମୋତେ ମିଳିବ ହିଁ ମିଳିବ।"

- ବିଷ୍ଣୁ ସାହୁ
ଜଗତସିଂହପୁର
(ମୋ) ୭୦୦୮୩୭୭୯୬୭

## ପାଉଁଜିର ପାଣ୍ଡୁଲିପି-୧୪

### ସେଦିନ ସେ ପାଉଁଜି

**ବିପିନ ମହାନ୍ତି**



ନୀଳ ନଈକୂଳେ ନୀଳ ପରୀଟିଏ ନିରିଜନ ନଦୀ ଘାଟେ
ବସି ମାଜୁଥିଲା ପାଦର ପାଉଁଜି ହଜିଗଲା କାହିଁ ପଟେ
ସଞ୍ଜ ନଉଁଥିଲା ଜହ୍ନ ଉଉଁଥିଲା ବହୁ ଖୋଜାଖୋଜି କରି
ଫେରୁଥିଲା ସିଏ ଆଶା ଆଶଙ୍କାରେ ନିରାଶାରେ ମନ ମାରି।

ଦେଖାହେଲା ବାଟେ ଚିହ୍ନାଚିହ୍ନା ଇଏ ଫୁଲାଇଛି ମୁହଁ କିଆଁ
ସତେକି ଫଗୁଣ ବଗିଚାରେ କିଏ ଲଗେଇ ଦେଇଛି ନିଆଁ
କହିଲା ମୋ' ପାଦେ ନାହିଁ ମୋ' ପାଉଁଜି ମାଜୁଥିଲି ବସି ପାଦ
ଶାଶୂ ମୋ' ନଣନ୍ଦ ଜାଣେ କେଡ଼େ ମନ୍ଦ ଦେବେ ସିନା ଅପବାଦ।

କହିଲି କହିଲେ ଖୋଜି ଆଣିଦେବି ଫୁଲେଇଛ କିଆଁ ମୁହଁ
ମୁହଁ ସଞ୍ଜଟାରେ ନିରୋଳା ଘାଟରେ ମୋ ସାଥିରେ ଟିକେ ରହ
ବାଟ ମୁଁ ଖୋଜିଲି ଘାଟ ମୁଁ ଖୋଜିଲି ଖୋଜିଲି ଗାଧୁଆତୁଠ
ମିଳି ଯାଆନ୍ତା କି ସେ ପଟେ ପାଉଁଜି ମନ ଖାଲି ଛଟପଟ।

ଚାନ୍ଦି ପାଉଁଜିଟା ତୁଠରୁ ପାଇଲି ପିନ୍ଧାଇ ଦେଲି ତା' ପାଦେ
ପାଦ ନୁହେଁ ସେ ତ କେଉଁ ପ୍ରାରବ୍ଧର ପ୍ରୀତିର ଗଜଲ ପଦେ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କବିତା



### ॥ ରତୁର ରକ୍ ॥

**ନକୁଳ ଚନ୍ଦ୍ର ସାହୁ**

ଆତ୍ମାର ବୃକ୍ଷ ଦୁଇଟି
ନିଜଠୁ ଦୂରେଇ ଦୂରେଇ
ଠିଆ ହୋଇଛନ୍ତି କିଏ କୋଉଠି,
ମଝିରେ ଅସମ୍ଭବ ଦୂରତା
ସେମାନେ ଚୁପ୍‌ଚାପ୍
ଠିଆ ହୋଇଛନ୍ତି;

ମୃତ୍ୟୁ ନିଜେ କାନ୍ଦୁଛି
ଯେତେବେଳେ ସିଏ
ଭାବନା ଆଡକୁ ମୁହଁ କରୁଚି !
ଜଣକଠୁ ଅନ୍ୟ ଜଣକର ଅଲଗା
ହେବା କଥା
କବିତା ହୋଇ ଯାଉଛି !

ସମୟ ସରସୀରେ
ଅନ୍ଧାର ରଂଗର ପଦ୍ମ ଫୁଟୁଛି !
ଇଂଦ୍ରଧନୁର ପାହାଚରେ
କଦମ୍ବଟା ବର୍ଷାର ଗୀତ ଗାଉଛି
ଖରାରେ ତିଆରି ଆତ୍ମାଟା
ସବୁଜରୁ ସବୁଜ ହୋଇ ଯାଉଛି

ଜୀବନର ପିତଳ ପାପୁଲି
ଏବେ କରୁଛି ମୃତ୍ୟୁର ଆଳତି !

♥ ଶବ୍ଦଘର, ଗୋଡିସାହି,
କଟକ-୭୫୪୦୦୬
(ମୋ)୯୪୩୭୭୪୦୨୬୪

### ॥ ସ୍ୱର୍ଗ ନର୍କ ॥

**କମଳ କୁମାର ମହାନ୍ତି**



ତୁମେ ସବା ଉପର ପାହାଚରେ
ପୁରାତନ ରୋମ ନଗରୀର
ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ପରି
ତରବାରୀଟେ ଧରି ଉଦ୍ୟତ
ଏଣେ ଅନେକ ପାହାଚ ତଳେ
ମାଟି ଉପରେ ବସିରହି ମୁଁ
ଗଢୁଛି ମୋ କଳ୍ପନାର ସ୍ୱର୍ଗ ।

ବିବଶ ହେଲେ ବି ମୁଁ
ମୋ ମାଟିରେ ସଂତୃପ୍ତ କାଳଯାକ
ତୁମେ କିନ୍ତୁ ସ୍ୱର୍ଗ ଉପରେ ଆହୁରି
ଅତୃପ୍ତିର ନୂଆ ସ୍ୱର୍ଗମାନ ଖୋଜୁଛ !

ତୁମ ସ୍ୱପ୍ନ ସ୍ୱର୍ଗ ଛୁଇଁପାରେ
ମୋ ସ୍ୱପ୍ନ କିନ୍ତୁ ମାଟିର ଆସନ ଲୋଡ଼େ
ଅଥଚ ଏତେ ଉଦବିଗ୍ନ କାହିଁକି କୁହ
ମିଛଟାରେ କାହିଁକି ଏତେ ଛଟପଟ
ମୋ ମାଟିରେ ମୁଁ ଫୁଟାଇପାରେ
ରକମ ରକମ ପାରିଜାତ
ତୁମେ କେବଳ ଉଚ୍ଚ ମଥାନ
ଆରୋହଣର ବିଫଳତା ପାଇଁ
ଶୂନ୍ୟରମଣ କରୁଛ, ତ କରୁଥାଅ ।

ସ୍ୱର୍ଗର ସନ୍ଧାନ ପାଇଁ ତୁମର
କାମନାର ଅନ୍ତଃ ନାହିଁ
କାରଣ ସ୍ୱର୍ଗକୁ ନିଶୁଣି ବାନ୍ଧିବାକୁ
ଏ ଧରାରେ ଜନ୍ମ ହେଇନାହିଁ କେହି ।

ମୋର କିନ୍ତୁ ମାଟି ହିଁ ସବୁକିଛି
ତାକୁ ସ୍ୱର୍ଗକରି ଗଢ଼ିଦେଲେ
ଅବା ନର୍କକରି ତହିଁରେ ଲୋଟେ
ତାହା ମୋର ନିଜସ୍ୱ ବିଚାର ।

♥ ଆରସା, ତିହିଡ଼ି,
ଭଦ୍ରକ -୭୫୬୧୩୯
(ମୋ) ୯୪୩୯୦୪୭୨୮୩

### ॥ ତିନୋଟି ସାମୁଦ୍ରିକ କବିତା ॥

**ଶୁଭସ୍ମିତା ତ୍ରିପାଠୀ**



(୧)
ସେ ଗୋଟେଇଲା
ପାଉଁଜିରୁ ଝରିପଡିଥିବା ତିନୋଟି ଝୁମୁକା;
ନୀରବି ଗଲା ପକ୍ଷୀଙ୍କ କାକଳି

ଏପଟେ ମେଘନାଦ
ଭିତରେ ଶବ୍ଦହୀନ ସମୁଦ୍ର
କୂଳରେ ସେ ଗଢିଲା ମିଛ ବାଲିଘର

ମୁଁ ବାଛିଲି କେବଳ ମୁହୂର୍ତ୍ତ ଟିଏ
ସେଇଠି କେଉଁଠି ମୁଁ ନଥିବାର !

(୨)
ସମୁଦ୍ର କୂଳର ଶଙ୍ଖ ପସରାରୁ
ସୁନ୍ଦର ଦିଶିଲା ହଳେ ଶଙ୍ଖଚୁଡ଼ି
ଭଲ ଲାଗୁଥିଲା ଲହରୀ,
ନୂଆଁ କରି ବୁଡୁଥିଲେ ସୂର୍ଯ୍ୟ
ଅଥଚ ଶାମୁକା ଧାରରେ
କଟି ଯାଇଥିଲା ଆକାଶ

ଝରିଲା ଝୁମୁକା ବଦଳେଇ
କିଣି ହେଲାନି ସମୁଦ୍ର କୂଳରୁ
ଶଙ୍ଖ ଗଢ଼ା ଚୁଡି
ପିନ୍ଧିବାକୁ ଭଲପାଉଥିବା ହଳେ ହାତ !

(୩)
କୁଆଁ ତାରା ବୁଡିଗଲା ମଝି ସମୁଦ୍ରରେ
ବତୀଘର ତଳେ ଆଉଜିଗଲା ଜହ୍ନ,
ସରି ଆସୁଥିଲା ଦୂର ଦିଗନ୍ତରୁ
ଭାସି ଆସୁଥିବା ବଇଁଶୀର ସ୍ୱନ

ସେ ପାଉଁଜିରୁ ଖୋଲିଦେଲା
ସବୁତକ ଝୁମୁକା
ସେତେବେଳକୁ ପୁରା ସମୁଦ୍ର ହିଁ
ହେଇସାରିଥିଲା
ନୀଳରଙ୍ଗର କବିତା !

♥ ବ୍ରହ୍ମପୁର, ଗଞ୍ଜାମ
ଫୋନ : ୮୪୮୦୮୬୭୧୯୦



### ॥ କେମିତି ଏ ନିସଙ୍ଗ ରାତି ॥

**ଅକ୍ଷୟ ବେହେରା**

ଏକାଏକା ଥାଇ କଣ ଲୋଡ଼ ନାହିଁ
କାହା ପ୍ରୀତି
ସେ ଯେଉଁ କହୁଥିଲ-
ତୋଳିଛ ପ୍ରେମର ଘରଟିଏ
ଜାଳୁଛ ପ୍ରୀତିର ଦୀପଟିଏ
'ସେଠି ତୋ ମୋ ଛଡା ଆଉ କେହି ନାହିଁ'
ଏ କଥା ଭୁଲି କି ?

ଏବେ ତ ଅପର୍ଯ୍ୟାପ୍ତ ନିରଙ୍କୁଶ ସମୟ
ଖର୍ଚ୍ଚ କରିବାକୁ ଥିଲା ବେଳେ
ପ୍ରେମରେ ରୁହନି କାହିଁକି ?

ପ୍ରେମ ପାଇଁ ଗଢ଼ା ଜୀବନ
ଅପ୍ରେମରେ ବ୍ୟର୍ଥ କଲେ
ଈଶ୍ୱର ଖୁସି ହେବେ ନାହିଁ
ଏ କଥା ବୁଝନି କାହିଁକି..

କାହିଁକି ଏକାଏକା ଚାଲିଛ
ସେ ପଥରେ କେହି ନାହିଁ ବୋଲି
କହି କହି..

ମୁଁ ନ ହେଲି ନାହିଁ, କେହି ଥାଉ
ଏ ଦୀର୍ଘ ଏକାନ୍ତବାସର
ଏକଲା ପଣରେ ଆଉ ଘାଣ୍ଟି ହୁଅ ନାହିଁ..

କହିଛି ତ -ପ୍ରେମରେ ରହିବା ଈଶ୍ୱରଙ୍କ ଇଚ୍ଛା
ତାକୁ ହେଣ୍ଟିବା ଈଶ୍ୱରଙ୍କୁ
ଅବମାନନା ନୁହେଁ କି ...

ସୁନ୍ଦର ସ୍ୱପ୍ନରେ ରାତି ବିତୁ କହି
ନିଜେ ସେ ସ୍ୱପ୍ନରେ ନ ରହିବା
ଅବାନ୍ତର ନୁହେଁ କି..

ନୀରା, କେମିତି କିଏ ଦେଖିବ
ମନ ମୁତାବକ ସ୍ୱପ୍ନ
ଯେବେ ସ୍ୱପ୍ନ -ସହଭାଗୀ, କେହି ନାହିଁ..

♥ ଭୁବନେଶ୍ୱର,
(ମୋ) ୯୪୩୭୨୭୯୯୪୧

### ॥ ବିକାଶର ସ୍ୱାଦ ଚାଖି ନଥିବା ଗାଁ ॥

**ଭକ୍ତ ଚରଣ ସୁନାନୀ**



ଆସ ଆସ, ଥରୁଟିଏ ଆସ
ଏ ଡଙ୍ଗର ତଳକୁ
ଏ ଜଙ୍ଗଲ ଭିତରକୁ
କେବେ ତ ଆସିନ
ଥରେ ଦେଖି କି ଯାଅ
ବିକାଶର ସ୍ୱାଦ ଚାଖି ନ ଥିବା
ଆମ ଛୋଟିଆ ଗାଁ କୁ ।

ଚାଖିବ, ଭୋକ କେମିତି ଲାଗେ
ଫଳସା ପତରର ଡବଲାରେ
ହଳ କରୁଥିବା କ୍ଷେତର ହିଡ଼ ଉପରେ
ପଥର ଭାଙ୍ଗୁଥିବା ଡଙ୍ଗର ଛାତିରେ
ମହୁଲ ସାଉଁଟୁଥିବା ଜଙ୍ଗଲ ଭିତରେ
ଭାତକନ୍ଦା କୁଡୁଥିବା ପୋଖରୀ ହୁଡାରେ
କଳମ ଶାଗ ତୋଳୁଥିବା ନଈପଠାରେ
ଟାକୁଆ ଗୋଟାଉଥିବା ଆମ୍ବତୋଟାରେ ।

ବୁଝିବ, କଷ୍ଟ କେମିତି ଲାଗେ
ଫୁଙ୍ଗୁଳା ଦେହରେ
ଝିପିଝିପି ବର୍ଷାରେ
ଡହଡହ ଖରାରେ
ହାଡଭଙ୍ଗା ଶୀତରେ ।

ଦେଖିବ, ଅଭାବ କେମିତି ଦିଶେ
ଚିରା ପଣତରେ
ସାତସିଆଁ ତଳିପକା ଧୋତିରେ
କଣା ହୋଇଥିବା ଚପଲରେ
ଛିଣ୍ଡା ଦଉଡି ଖଟରେ
ଫଟା ଥାଳିରେ
ଆଁ କରିଥିବା ଝିକର ଛାନିରେ
ସୁରି ଖାଇଥିବା ବତାରେ
ଲିଭିଆସୁଥିବା ମାଟିଚୁଲିରେ ।

♥ ଖୁଣ୍ଟିଆ, କଳାହାଣ୍ଡି

### ॥ ଆରମ୍ଭ ଓ ଶେଷ ॥

**ପୀୟୂଷ ପଟ୍ଟନାୟକ**



କୁହ କି'ଗୋ ନେବ ମତେ ଦିଗନ୍ତର ଦୂରେ କେଉଁ ପଥେ
ବସି ରହି ସେଠି ତୁମ ଅପେକ୍ଷାରେ ନିତି, ଭବିଷ୍ୟତେ
ଗଣୁଥିବି ସମୁଦ୍ରର ଢେଉ ନେଇ ମୁକ୍ତାର ଚାହାଣି
ଆକାଶର ବିହଙ୍ଗମେ ପଶ୍ଚିମାର ମେଘର ଛାଉଣୀ ।

ଜଡିଥିବ ତୁମ ଦେହେ ଅଲୌକିକ ନୀଳ ନୀଳ ବାସ
ଶୀର୍ଣ୍ଣ ମୋର ଅଧିରେ ରଚିଯିବ ମୁଗ୍ଧିତ ପରଶ
କିଛି ତ କହିବ ମୋତେ, ଓଠେ ଥିବ ହସର ପାଖୁଡା
ଚାହିଁବିନି ବୁଝିବାକୁ, ସେ ହସର କିଅଁଦଂଶ ପରା ।

ତୁମେଇ ଆସିବ ଧୀରେ ଢାଙ୍କିଦେବ ନୀଳାଭ ପଣତ
ଏଇ ଦେହ ଏଇ ମନ ଭିଜି ଯିବ ଆବେଗେ ସତତ
ସେ ଆଶାର ଅପେକ୍ଷାରେ ଗଣୁଛି ମୁ ମନ୍ତବତ ଦିନ
କେବେତ ଆସିବ ତୁମେ, ମୋ ବ୍ୟତୀତ ରହିତ ପାରିନ !

ମୁଁ ତୁମକୁ ଖୋଜୁଥିବି.., ଖୋଜୁଥିବି ଏ ଜୀବନ ସାରା
ଏ ପୃଥିବୀ, ଏ ସମୁଦ୍ର, ଆଦିଗନ୍ତ ଉତପ୍ତ ସାହାରା
ତୁମ ସହ ଦେଖାହେବ, ନିଶ୍ଚୟତ କେଉଁ ଏକ ଦିନେ
ଆକାଶରେ ଜହ୍ନ ଥିବ, ଗାଉଥିବ ସଂଗୀତ ମଉନେ ।

ଏ ଜୀବନେ ଆଉ କିବା ମୋର ଆଉ ନାହିଁ କିଛି ଆଶ
ତୁମେ ହିଁ ତ ଏ ଜନମେ, ଜୀବନର ଆରମ୍ଭ ଓ ଶେଷ ।

♥ ଭୁବନେଶ୍ୱର, (ମୋ) ୭୫୦୬୧୮୯୦୩୦

### ॥ ଉଜୁଡା କ୍ଷେତର ଗଜଲ ॥

**ବାବାଜୀ ଚରଣ ଜେନା**



ନିଦାଘ ନିଆଁରେ ଜଳୁଛି ଏ ମାଟି
ସ୍ୱପ୍ନକୁ ଜଳାଇ ଦେଇ
କିଛି ଅଙ୍କ ଅଛି ଯେତେ କଷିଲେବି
ଉତ୍ତର ମିଳଇ ନାହିଁ
ନିଦାଘ ନିଆଁରେ ଜଳୁଛି ଏ ମାଟି.....।୦।

କେବେ ଏ ଉଜୁଡା କ୍ଷେତର ଗଜଲ
ଛାତିକୁ ଥରାଇ ଦିଏ
ଦେଖି ଦେଲେ ଯିଏ ହସୁ ଥିଲା ଦିନେ
ଚାହୁଁ ନାହିଁ ଆଜି ସିଏ
ଶ୍ୱାସରୁଦ୍ଧ କରେ ବାରୁଦର ଗନ୍ଧ
ଯନ୍ତ୍ରଣାକୁ ଭରି ଦେଇ
ନିଦାଘ ନିଆଁରେ ଜଳୁଛି ଏ ମାଟି ..... ।୧।

ଟକ୍‌ମକ୍ ହୋଇ ନଈ ପାଣି ଫୁଟେ
ବିଶ୍ୱାସ ତ ହଜି ଯାଏ
ଖଣ୍ଡ ବିଖଣ୍ଡିତ ଭାବନା ସାଥିରେ
ବଞ୍ଚିବା ସହଜ ନୁହେଁ
ଅନ୍ଧାର ଭିତରେ ଖେଳ ହୁଏ ଏଠି
ଭାବ ବନ୍ଧ ଭାଙ୍ଗି ଦେଇ
ନିଦାଘ ନିଆଁରେ ଜଳୁଛି ଏ ମାଟି.....।୨।

♥ ଅହଲ୍ୟା ନିବାସ,ପୋପରଡା
ନୂଆବଜାର କଟକ-୪
(ମୋ) ୯୪୩୭୮୩୪୭୧୯

# ସାହିତ୍ୟ ମାଧ୍ୟମରେ ଆଉ କାହାର ମାନସିକତା ପରିବର୍ତ୍ତନ କରିବାଟା ଲଙ୍କାରେ ରାମ ନାମ ଭଳି : ରଞ୍ଜନ କୁମାର ଦାସ

**ରଞ୍ଜନ କୁମାର ଦାସ** ଓଡିଆ ସାହିତ୍ୟ ଜଗତରେ ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ। ବାସ୍ତବବାଦୀ ଭାବନା ଓ ଉପସ୍ଥାପନା ଭିତରେ ଋଦ୍ଧିମନ୍ତ ତାଙ୍କର ଲେଖକୀୟ ସତ୍ତା। ତାଙ୍କ ଅନୁଭବ, ଅନ୍ତର୍ଦୃଷ୍ଟି ଓ ନିଆରା ଦୃଷ୍ଟିଭଙ୍ଗୀ ହିଁ ତାଙ୍କର ସ୍ୱତନ୍ତ୍ରତା । କେବଳ କବିତା ନୁହେଁ ଗଳ୍ପ ସହ ବହୁ ମନନଶୀଳ ନିବନ୍ଧ, ଭ୍ରମଣକାହାଣୀ, ଗୀତି କବିତା, ଅନୁବାଦ କ୍ଷେତ୍ରରେ ଲେଖନୀ ଚାଳନା କରି ସେ ପ୍ରଦର୍ଶିତ କରିସାରିଛନ୍ତି ନିଜର ପାରଦର୍ଶିତା । "ପୁରସ୍କାର ଉତ୍ସାହିତ କରେ, ଆନନ୍ଦିତ କରେ, ସ୍ୱୀକୃତି ଦିଏ, ଗୁରୁତ୍ୱ ବଢ଼ାଏ। ମାତ୍ର ଆଜିକାଲି ପୁରସ୍କାର ପ୍ରକ୍ରିୟା ଏଭଳି ସ୍ତରରେ ପହଞ୍ଚିଚି ଯେ ତା' ଯୋଗୁ ସାହିତ୍ୟ କଳୁଷିତ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ପୃଥିବୀ ପୃଷ୍ଠରେ ଭୂକମ୍ପ କାହିଁକି ଆସେ, ଆଗ୍ନେୟଗିରି କାହିଁକି ଫାଟେ, ବର୍ଷା କାହିଁକି ହୁଏ, ଗ୍ରୀଷ୍ମ କାହିଁକି ଆସେ, ତା'ର କାରଣ ଯେମିତି ଆଧିଭୌତିକ, କବିତା କାହିଁକିର ଉତ୍ତର ମଧ୍ୟ ସେହିଭଳି। ପୃଥିବୀରେ ଯେମିତି ଚାପ, ତାପ ଓ ପାଣିପାଗକୁ ନେଇ ଏ ପରିବର୍ତ୍ତନ ସବୁ ହୁଏ, ସେମିତି ଏ ଦେହ ଓ ମନରେ ଯେଉଁ ଯେଉଁ ଚାପ ଓ ତାପ ସୃଷ୍ଟି ହୁଏ, ଆମ ଚତୁଃପାର୍ଶ୍ୱ ପାଣିପାଗ ଆମକୁ ଯେଉଁଭଳି ପ୍ରଭାବିତ କରେ ସେଇ ଅନୁଯାୟୀ ଦେହ ଓ ମନ ତାଙ୍କ ପ୍ରତିକ୍ରିୟା ରଖିଥାନ୍ତି। କବିତା ସେହିଭଳି ଏକ ସ୍ୱାଭାବିକ ପ୍ରତିକ୍ରିୟା। ତାକୁ କେହି ପାରନ୍ତି ଯଦି କାଗଜ କଲମରେ ଲେଖି ଦିଅନ୍ତି, ଆଉ କେହି କେହି ମନକଥା ମନରେ ମାରି ସବୁ ସହି ଯାଆନ୍ତି। କେହି ପୁଣି ସହି ନ ପାରି ବିଦ୍ରୋହ କରନ୍ତି। ଏସବୁ କୌଣସି ନା କୌଣସି ପ୍ରକାରର କବିତା, କେବେ ଶାବ୍ଦିକ କେବେ ମାର୍ମିକ।

ଆଉ ଆଦ୍ୟ ସ୍ଫୁରଣ କଥା ଯୋଉ ପଚାରୁଛନ୍ତି, ସତ କହିଲେ କୌଣସି ବୁଢ଼ା ବରଗଛ କେବେ ମନେପକେଇ ପାରେନା ତା'ର ଅଙ୍କୁରୋଦ୍‌ଗମ କୋଉଦିନ ହୋଇଥିଲା। ତାକୁ ହୁଏତ ଅନେକ ଦିନ ମଞ୍ଜି ଭାବରେ ମାଟି ଭିତରେ ଗମିବାକୁ ପଡ଼ିଥିଲା କି ମାଟି ଉପରେ ପଡ଼ିପଡ଼ି ପ୍ରଥମ ବର୍ଷାଧାରାର ଅପେକ୍ଷା କରିବାକୁ ପଡ଼ିଥିଲା ତା ହିସାବ ସେ ଦେଇପାରେନା। ତେବେ ଯେତିକି ମନେଅଛି ସ୍କୁଲ କଲେଜ ବେଳେ କିଛି ଲେଖା ଲେଖିଥିଲି ମାତ୍ର ସେଗୁଡ଼ିକ ଅତି ନଗଣ୍ୟ ଥିଲା। ପରେ ବାଣୀବିହାରରେ ପଢ଼ିଲା ବେଳେ ବିଧିବଦ୍ଧ ଭାବେ ପତ୍ରପତ୍ରିକାରେ ଲେଖିବା ଆରମ୍ଭ ହେଲା।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ମୁଁ ହାଇସ୍କୁଲରେ ପଢ଼ିଲାବେଳେ ଆମ ଗାଁ କାମାକ୍ଷାନଗରରେ ରହୁଥିଲି। ସେଠି ଗିରୀଶ ନନ୍ଦ ବୋଲି ଜଣେ କବି ଥିଲେ। ତାଙ୍କର 'ଶାଳବଣର କବିତା' ବୋଲି ଗୋଟେ କବିତା ବହି ଫ୍ରେଣ୍ଡସ୍ ପବ୍ଲିସର ପ୍ରକାଶ କରିଥିଲା। ଥରେ ସେ ବହିର ଗୋଟେ କପି ସେ ମତେ ଦେଇଥିଲେ। କବିତା ଗୁଡ଼ିକ ପଢ଼ିବା ପରେ ମୋର ବି ଇଚ୍ଛା ହେଉଥିଲା, ମୁଁ ମଧ୍ୟ ଲେଖନ୍ତି, ମୋ ଲେଖାକୁ ଲୋକେ ପଢ଼ନ୍ତେ। କଲେଜକୁ ଗଲାବେଳେ ପ୍ରଭାସିନୀ ମହାକୁଡ଼ ମତେ କବିତା ପଢ଼ିବା ଓ ଲେଖିବା ପାଇଁ ଖୁବ୍ ଉତ୍ସାହିତ କରିଥିଲେ। ମାତ୍ର ସେତେବେଳେ ମୋର ସେ ଅଭିଜ୍ଞତା ବା ଦକ୍ଷତା ଆସି ନଥିଲା। ପରବର୍ତ୍ତୀ ସମୟରେ ବାଣୀବିହାରରେ ପଢ଼ିଲା ବେଳେ ଗୁରୁ ମହାନ୍ତି ଓ ରମାକାନ୍ତ ରଥଙ୍କ କବିତା ମୋତେ ଖୁବ୍ ପ୍ରଭାବିତ କରିଥିଲା। ତା'ଛଡ଼ା କବିତା ଲେଖିବାର ପ୍ରାରମ୍ଭିକ ପର୍ଯ୍ୟାୟରେ ବିଜୟ ଜେନା, ସୌଭାଗ୍ୟ ମିଶ୍ର, ରାଜେନ୍ଦ୍ର ପଣ୍ଡା, ଫନୀ ମହାନ୍ତି ଆଦିଙ୍କ କବିତା ମତେ ପ୍ରଭାବିତ କରୁଥିଲା। ସୁରେଶ ପରିଡ଼ା ସେତେବେଳେ 'କାହ୍ନୁ' ସିରିଜର କବିତା ଲେଖୁଥିଲେ। ଆଶୁତୋଷ ପରିଡ଼ା, ହୃଷୀକେଶ ମଲ୍ଲିକ ମଧ୍ୟ ସେତେବେଳେ ନାଁ କରିଥାନ୍ତି। ଏମାନଙ୍କ ଛଡ଼ା ଆହୁରି ଅନେକ କବି ଅଛନ୍ତି ଯୋଉମାନେ ମତେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରଭାବିତ କରିଛନ୍ତି।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ସବୁଠୁ ପ୍ରିୟ ଓ କାହିଁକି ?**

■■ ବାଣୀବିହାରରେ ପଢ଼ିଲାବେଳେ କିଛି ସତୀର୍ଥ ମିଶି 'ଶନିବାର ସାହିତ୍ୟ ସଂଧ୍ୟା' ଗଢ଼ିଥିଲୁ ଯାହା ପରେ ଶନିବାର ସୃଜନୀ ସଂଧ୍ୟା ନାମରେ ନାମିତ ହୋଇଥିଲା। ଫନୀ ମହାନ୍ତି ଥରେ ଗୋଟେ କବିତା ପାଠୋତ୍ସବକୁ ଆସିଥିଲେ। କବିତା ସମୀକ୍ଷା କରିବା ପରେ ଆମ ଭିତରୁ ଚାରିପାଞ୍ଚ ଜଣଙ୍କ କବିତା ସେ ତାଙ୍କ ସଂପାଦିତ ପତ୍ରିକା 'ସଂଯୋଗ'ରେ ମୁଖଶାଳା ବୋଲି ଗୋଟେ ଅଧ୍ୟାୟ କରି ପ୍ରକାଶ କରିଥିଲେ। ସେଇଠୁ ଆରମ୍ଭ। ତା ପରେ ଇସ୍ତାହାର, ପ୍ରତିବେଶୀ, ଝଂକାର, ଆସନ୍ତାକାଲି ଇତ୍ୟାଦିରେ ମଧ୍ୟ ବାହାରିଲା। ଯାତ୍ରା ଏବେ ବି ଚାଲିଛି। ଅଦ୍ୟାବଧି ମୋର ସତରଟି କବିତା ସଂକଳନ, ତିନୋଟି ଗଳ୍ପ ସଂକଳନ, ଦୁଇଟି ଭ୍ରମଣ କାହାଣୀ, ଛଅଟି ଲଳିତ ନିବନ୍ଧ ସଂକଳନ, ଗୋଟିଏ ଗୀତି କବିତା ଓ ଗୋଟିଏ ଅନୁବାଦ ପ୍ରକାଶ ପାଇଛି। ତା'ଛଡ଼ା ମୋର ପାଞ୍ଚଟି ଗଳ୍ପ ଓ କବିତା ସଂକଳନ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଧୁ ଆଦିରେ ଅନୁବାଦିତ ହେଇଚି।

ନିଜ ସନ୍ତାନମାନଙ୍କ ଭିତରୁ କିଏ ସବୁଠୁ ଭଲ କହିବା ଯେମିତି କୋଉ ମାଆ ପକ୍ଷରେ ସମ୍ଭବ ନୁହେଁ, ସେମିତି ନିଜ ଲେଖା ଭିତରୁ କୋଉଟି ସବୁଠୁ ପ୍ରିୟ କହିବା ମଧ୍ୟ କଷ୍ଟକର। ତେବେ ପୂରବୀ ସିରିଜର ପ୍ରକାଶିତ ଦୁଇଟି କବିତା ସଂକଳନ 'ପୂରବୀ ପାଇଁ କିଛି ପ୍ରେମକବିତା' ଓ 'ଏକ ଅସମାପ୍ତ ପ୍ରେମଗାଥା : ପୂରବୀ' ଯୁବପିଢ଼ିଙ୍କ ମଧ୍ୟରେ ସର୍ବାଧିକ ଆଦୃତ। କିନ୍ତୁ "ନ ମ୍ରିୟତେ" ନାମକ ସଂକଳନ ଯାହା ଗୌତମ ବୁଦ୍ଧଙ୍କ ଆଧ୍ୟାତ୍ମିକ ଓ ଆଧିଭୌତିକ ଯାତ୍ରା ଉପରେ ଆଧାରିତ ତାହା ମୋର ସବୁଠୁ କଷ୍ଟଲବ୍ଧ ସନ୍ତାନ। ଦୀର୍ଘ ବାରବର୍ଷ ତା ପାଇଁ ମୁଁ କଷ୍ଟ ଭୋଗିଚି।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ?**

■■ ସାହିତ୍ୟ ସବୁବେଳେ ଶ୍ରଦ୍ଧା ଓ ଆଦର ଲୋଡ଼େ। ଲୋକଙ୍କ ମନରେ ଯଦି ସାହିତ୍ୟ ପ୍ରତି ସରାଗ ଟିକକ ନାହିଁ, ତେବେ ସାହିତ୍ୟ ସେଠିକି ଯିବାକୁ ଭରସିବ କେମିତି ? ଅନାହୁତ ଭାବେ ଯାଇ କାହା ଦୁଆରେ ଠିଆ ହୋଇ ଉପହସିତ ହେବ କାହିଁକି? କଥା ହେଲା ସାହିତ୍ୟକୁ ଠେଲିପେଲି କାହା ଉପରେ ଲଦି ଦେଇ ହେବ ନାହିଁ। ବର୍ତ୍ତମାନର ସମାଜରେ ଅଶିଭାଗ ଲୋକ ବସ୍ତୁସର୍ବସ୍ୱ, ଭୋଗକୈନ୍ଦ୍ରିକ। ତଥାପି ଯୁବକମାନେ ସାହିତ୍ୟ ପ୍ରତି ଆଗ୍ରହ ରଖୁଛନ୍ତି, ବହି ପଢୁଛନ୍ତି ଦେଖି ଆଶା ଟିକେ ଉଦ୍ରେକ ହୁଏ। କିନ୍ତୁ ସେଇ ଯୁବକ ଯେତେବେଳେ ଜୀବନରେ ଚାକିରୀବାକିରୀ ବ୍ୟବସାୟ କରି ପ୍ରତିଷ୍ଠିତ ହୋଇଯାଏ, ସେ ପୁଣି ବସ୍ତୁକୈନ୍ଦ୍ରିକତା ଆଡ଼କୁ ଟାଣିହୋଇଥାଏ। ତା'ଛଡ଼ା ସାଧାରଣ ଲୋକଟିଏ ତା'ର ଘରସଂସାର, ରୋଜଗାର ଓ ପେଟପାଟଣାକୁ ନେଇ ଏତେ ବ୍ୟସ୍ତ ଯେ ସାହିତ୍ୟ ଭଳି ଏକ ବିଳାସ ପାଇଁ ସମୟ ତାକୁ ଏତେ ବେଶୀ ସୁଯୋଗ ଦିଏନି। ତଥାପି ମୁଁ ଆଶାବାଦୀ ଯେ ତମାମ ଅନ୍ଧାର ଭିତରେ ଅନେକ ଜୁଳୁଜୁଳିଆ ପୋକ ଏବେ ବି ଉଡୁଛନ୍ତି।

■ **କୁହାଯାଉଚି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ଭାଷା ମୂଳ ହେଲେ ସାହିତ୍ୟ ଡାଳ। ମଣିଷ ଜନ୍ମ ହେବା ପରେ ଆଗେ ଭାଷା ଶିଖେ ତା ପରେ ସାହିତ୍ୟ ଅଭ୍ୟାସ କରେ। ମୂଳଟି ଯେହେତୁ ବିପଦଗ୍ରସ୍ତ ଗଛଟି ତାକୁ ଆଧାର କରି କେତେଦିନ ମାଟି ଉପରେ ରହିପାରିବ? ଏବେ ପିଲାଟିଏ ଜନ୍ମହେଲେ ଜନ୍ମରୁ ତାକୁ ଇଂରାଜୀ ଓ ହିନ୍ଦୀ ଶିଖାଯାଉଛି। ମାତୃଭାଷା ସେ କୋଉଠୁ କହିପାରିବ ବା ପଢ଼ିପାରିବ ଯେ ପରବର୍ତ୍ତୀ ଜୀବନରେ ସେ ମାତୃଭାଷାରେ ଲିଖିତ ସାହିତ୍ୟ ପଢ଼ିବ? ସାହିତ୍ୟ ବହି ପଢ଼ିବା ଦୂରର କଥା, ଆଜିର ପିଢ଼ି ଓଡ଼ିଆରେ କଥା ହଉନାହାନ୍ତି, ଓଡ଼ିଆ ଖବରକାଗଜ ପଢୁନାହାନ୍ତି, ଓଡ଼ିଆ ସିନେମା ଦେଖୁନାହାନ୍ତି, ଓଡ଼ିଆ ଗୀତ ବି ଶୁଣୁନାହାନ୍ତି ! ଅଭିଭାବକମାନେ ଏଥିପାଇଁ ଦାୟୀ।

■ **ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଭଲ କବିତା କହିଲେ ମୁଁ ବୁଝେ ସେଇ କବିତାକୁ ଯାହା ଥରେ ପଢ଼ିଲେ ମନରେ ବସାବାନ୍ଧି ରହିଯାଏ, ବାରମ୍ବାର ତାକୁ ଗୁଣୁଗୁଣୁ କରି ଗାଇବାକୁ ଇଚ୍ଛା ହୁଏ। ଯାହା ଭିତରେ ଗୋଟେ କଥା ଥାଏ, ଗୋଟେ ବାର୍ତ୍ତା ଥାଏ... ଯାହା ଭିତରେ ମନେ ରଖିବା ପାଇଁ ଗୋଟେ ଦୃଶ୍ୟ ଥାଏ। ଆବଷ୍ଟ୍ରାକ୍ଟ କବିତା ଭିତରେ ଯେହେତୁ ଏସବୁ କିଛି ନ ଥାଏ ସେସବୁ ମନେ ରହେନା।

ସାହିତ୍ୟ ମାଧ୍ୟମରେ ଆଉ କାହାର ମାନସିକତା ପରିବର୍ତ୍ତନ କରିବାଟା ଲଙ୍କାରେ ରାମନାମ ଭଳି। ଯୋଉମାନେ ସାହିତ୍ୟ ଭିତରେ ଅହରହ ବୁଡ଼ି ରହିଛନ୍ତି ବୋଲି ଦାବି କରନ୍ତି, ସେମାନଙ୍କର ନିଜ ମାନସିକତା ଆଜିଯାଏ ପରିବର୍ତ୍ତନ ହେଲାଣି ? ସେମାନେ ପରା ନାନା ପ୍ରକାର ଈର୍ଷା, ଦ୍ୱେଷ, ହୀନମନ୍ୟତା, ଗୋଡ଼ ଟଣାଟଣି ଭଳି ରୋଗରେ ପୀଡ଼ିତ। ଯୋଉମାନେ ସୁସ୍ଥ ମାନସିକତା ନେଇ ଜନ୍ମିଥାନ୍ତି ସେମାନଙ୍କ ଆତ୍ମା ସବୁକାଳେ ନିର୍ମଳ। କିନ୍ତୁ କିଛି ଦିନ ସାହିତ୍ୟ କରିଦେଲେ ଯେ ଜଣେ ମହାତ୍ମା ପାଲଟିଯିବ ଏକଥା ଅସମ୍ଭବ। ଯୋଉ ସାହିତ୍ୟର ସ୍ରଷ୍ଟା ନିଜ ଚରିତ୍ର ବଦଳେଇ ପାରେନା ସେ ଅନ୍ୟର ଚରିତ୍ର ଓ ମାନସିକତା ବଦଳେଇବାର ଆସ୍ଫାଳନ କରିବା ମୂଢ଼ତା ନୁହେଁ? ତଥାପି ଭଲ ସାହିତ୍ୟ ପଢ଼ିଲେ ମଣିଷର ହୃଦୟ ଆର୍ଦ୍ର ହେବ, ନରମ ହେବ, ସହାନୁଭୂତିଶୀଳ ହେବ ଏ ବିଶ୍ୱାସ ରହିଚି।

■ **ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ସକାରାତ୍ମକ ଦିଗଟି ହେଲା ଏବେ ଆଗ ଅପେକ୍ଷା ଢେର ଅଧିକ ଲେଖାହଉଚି ! ଢ଼େର ଅଧିକ ବହି ଓ ପତ୍ରପତ୍ରିକା ଛପା ହେଉଚି। ଡିଜିଟାଲ ରିଭଲ୍ୟୁସନ ଯୋଗୁ ଲେଖାଗୁଡ଼ିକ ମଧ୍ୟ ଦ୍ରୁତ ଗତିରେ ପ୍ରଚାରିତ ଓ ପ୍ରସାରିତ ହଉଚି। ପ୍ରତି ପୁସ୍ତକମେଳା ପରେ ଶୁଣାଯାଏ ଯେ ଦୁଇକୋଟି, ତିନିକୋଟି ଟଙ୍କାର ବେପାର ହେଲା । ଏସବୁ ନିଶ୍ଚୟ ସୁସମାଚାର। ଏତେ ଲେଖା ହଉଚି, ବିକ୍ରି ହଉଚି ଯେତେବେଳେ, କିଛି ତ ପଢ଼ା ହଉଥିବ ନିଶ୍ଚୟ। ଏବେ ଏତେ ନୂଆ ମୌଳିକ କାହାଣୀର ସିନେମା ହଉଚି। ସେ କାହାଣୀ ସବୁ ଆସୁଚି କୋଉଠୁ ? ନିଶ୍ଚୟ ଏତେ ଲେଖା ଭିତରୁ ପଢ଼ି କେହି ତ ତାକୁ ବାଛୁଚି। ମାଟି ଉପରକୁ ନ ଦିଶିଲେ ବି ସରସ୍ୱତୀ ନଦୀ ମାଟିତଳେ ବହୁଚି, ମାଟିକୁ ଓଦା ରଖୁଚି, ସେଥିପାଇଁ ଉପରେ ଗଛଲତା ପ୍ରାଣୀ ବଂଚୁଛନ୍ତି। ସେ ନଦୀ କେବେ ପୁଣି ଗୋଟେ ଭୂଚଳନରେ ବାହାରକୁ ଆସିଯାଇ ପାରେ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଭାବିବେ ?**

■■ ପୁରସ୍କାର ଉତ୍ସାହିତ କରେ, ଆନନ୍ଦିତ କରେ, ସ୍ୱୀକୃତି ଦିଏ, ଗୁରୁତ୍ୱ ବଢ଼ାଏ। ମାତ୍ର ଆଜିକାଲି ପୁରସ୍କାର ପ୍ରକ୍ରିୟା ଏଭଳି ସ୍ତରରେ ପହଞ୍ଚିଚି ଯେ ତା ଯୋଗୁ ସାହିତ୍ୟ କଳୁଷିତ। ଯିଏ ଭଲରେ ମଧ୍ୟ ପୁରସ୍କାରଟିଏ ପାଉଚି ତାକୁ ଏଭଳି ଲାଞ୍ଛିତ କରାଯାଉଚି ଯେ ସେ ଆନନ୍ଦିତ ହେବା ବଦଳରେ ଅପମାନିତ ଅନୁଭବ କରୁଚି। ମନ୍ଦକବି ଯଶପ୍ରାର୍ଥୀ ବୋଲି ଯିଏ କହିଥିଲେ ସେ ଭୁଲ କହିନଥିଲେ। ପୁରସ୍କାର ପାଇଁ ଏବେ ଚିହ୍ନାଜଣା ଟଙ୍କାପଇସା, କ୍ଷମତା ପ୍ରତିପତ୍ତି ସବୁ ପ୍ରତିଯୋଗିତାକୁ ଓହ୍ଲାଇ ଆସୁଛନ୍ତି। ତେଣୁ ଏବେ ପୁରସ୍କାର ପାଇବାଟା ଗୁରୁତ୍ୱହୀନ ହୋଇପଡ଼ିଲାଣି।

ବାର୍ତ୍ତା ? ସାହିତ୍ୟ ଶ୍ରଦ୍ଧା, ସଂପ୍ରୀତି, ସହଯୋଗ ଓ ସୌହାର୍ଦ୍ଦ୍ୟର ବାର୍ତ୍ତାଟିଏ ଯଦି ସମସ୍ତଙ୍କ ହୃଦୟରେ ଜାଗରିତ କରିପାରନ୍ତା ବୋଧହୁଏ ତା'ର ଜନ୍ମ ସାର୍ଥକ ହୁଅନ୍ତା ବୋଲି ମୁଁ ଭାବେ। ସାହିତ୍ୟିକ ଯଦି ପ୍ରେମର ପରିଭାଷାରେ ସମସ୍ତଙ୍କୁ ବୁଝନ୍ତା ଓ ବୁଝାଇପାରନ୍ତା ବୋଧହୁଏ ସାହିତ୍ୟର ପ୍ରକୃତ ଧର୍ମ ପାଳନ ହୋଇଛି ବୋଲି ଆମେ ଭାବନ୍ତେ।

♥♥

## ■ ଅକ୍ଷରେ ରଂଜନ କୁମାର ଦାସ



ବାପା :ସ୍ୱର୍ଗତ ଅକ୍ଷୟ କୁମାର ଦାସ

ବୋଉ: ସ୍ୱର୍ଗତା ରତ୍ନପ୍ରଭା ଦାସ

ଜନ୍ମ ତାରିଖ : ୨୭.୦୫.୧୯୬୪

ଜନ୍ମସ୍ଥାନ : ଢେଂକାନାଳ

ବର୍ତ୍ତମାନର ଠିକଣା- ଭୁବନେଶ୍ୱର

(ମୋ) ୯୪୩୭୨୮୬୫୧୨

**ପ୍ରକାଶିତ ପୁସ୍ତକ :**

**କବିତା**

୧- ସମର୍ପିତ ଚିରକାଳ
୨- ଅଦୃଶ୍ୟ ଅଭିସାର
୩- ମୋହ ମେଦୁର
୪- ସ୍ୱପ୍ନ ପାଇଁ ସନ୍ଧିକାଳ
୫- ବଂଚିବାର ବର୍ଣ୍ଣବୋଧ
୬- କେବଳ ଏତିକି ଇଚ୍ଛା
୭- କେବେକେବେ ଲୁହ ଟୋପେ
୮- ବାକିଥିବା କଥାସବୁ
୯- ପୂରବୀ ପାଇଁ କିଛି ପ୍ରେମ କବିତା
୧୦- ଶବବାହକର ସଂଗୀତ
୧୧-ସମୟର ସାତରଂଗ
୧୨- କବନ୍ଧର କାବ୍ୟଲେଖ
୧୩- ସ୍ୱପ୍ନ ଶତଦଳ
୧୪- ନିର୍ବାଚିତ କବିତା
୧୫- ପକ୍ଷୀଜନ୍ମରୁ ପାରିକର
୧୬- ପୂରବୀ: ଏକ ଅସମାପ୍ତ ପ୍ରେମଗାଥା
୧୭- ନ ମ୍ରିୟତେ

**ଗଳ୍ପ**

୧- ଛାଇ ଆଲୁଅର ଖେଳ
୨- ଆଗ୍ନେୟଗିରିର ଅବଶେଷ
୩- ଜୀବନ ଯମୁନା ନଈ

**ଭ୍ରମଣ କାହାଣୀ**

୧- ଫୁଲ ଫଗୁଣର ଦେଶ
୨- ଫିରିଙ୍ଗି ଫସଲ

**ଲଳିତ ନିବନ୍ଧ**

୧- ଅମୋକ୍ଷ ଅକ୍ଷର
୨- କଥା କଟାକ୍ଷ
୩- ସୃଜାମହ୍ୟମ୍
୪- ଥାଇ ଘୋର ଜଳେଣ
୫- ଶବ୍ଦ ଶସ୍ତ୍ର
୬- ଅସନ୍ତୋଷର ପୃଥିବୀ

**ଗୀତି କବିତା**

୧- ଡାଏରୀର ସାଏରୀ

**ଅନୁବାଦ**

୧- ପାଇନ ବନର ବଂଶୀ (ଋଷୀୟ କବିତାର ଓଡିଆ ଅନୁବାଦ)
୨- ଫିରେ ଯା'ରେ ପକ୍ଷୀ (ବଙ୍ଗଳା)
୩- ଅଦୃଶ୍ୟ ଅଭିସାର (ହିନ୍ଦୀ)
୪- ପୂରବୀ (ବଙ୍ଗଳା)
୫- ଧୂପ ଛାଓଁକା ଖେଲ (ଉର୍ଦ୍ଧୁ)
୬- ରଂଜନ ଦାସ କି ପ୍ରତିନିଧି କବିତାଏଁ (ହିନ୍ଦୀ)



ଖୁସିର ମୁହୂର୍ତ୍ତ : ନାତି ନାତୁଣୀଙ୍କ ସହ କବି ଦମ୍ପତ୍ତି...




ସାଇତା ସ୍ମୃତି : ନିଜ ବହି ଉନ୍ମୋଚନ ଉତ୍ସବରେ କବି ରଂଜନ ଦାସ...



ନିଜ ପ୍ରିୟତମା ପତ୍ନୀଙ୍କ ସହ କବି ରଞ୍ଜନ କୁମାର ଦାସ ।

# ଭିନ୍ନ ଏକ ବିଦେଶିନୀ

**ଧାରାବାହିକ ଉପନ୍ୟାସ**

**ଡ.ରତିକାନ୍ତ ବେହେରା**

**ଭାଗ-୧୮**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଗ୍ରହଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

॥ ସ୍ୱର୍ଗଦ୍ୱାର ॥

ମଠରେ ଛାଡ଼ିଆସିବା ପରଠାରୁ ଜେନି ସହିତ ଅକସ୍ମାତ ବଡ଼ଦାଣ୍ଡରେ କିମ୍ବା ମଠରେ କୌଣସି ସାକ୍ଷାତ ହୋଇ ନଥିଲା ଆନନ୍ଦର। ନିଜର ବୃତ୍ତିଗତ କାର୍ଯ୍ୟ ଭିତରେ ସେ ଇସକନ୍ ମଠକୁ ଯାଇ ସାକ୍ଷାତ କରିବାର ଅବକାଶ ପାଉ ନଥିଲା। କୌଣସି ପରିସ୍ଥିତିରେ ଉଭୟଙ୍କ ଭିତରେ ପ୍ରେମ ସଂଭବ ନୁହେଁ। ତେବେ ପ୍ରସଙ୍ଗୋଚିତ ଭାବେ ଗୋଟେ ଅପ୍ରକଟ ଆନ୍ତରିକତାର ତାଡ଼ନା ସେମାନଙ୍କ ଭିତରେ ଥିଲା। ଜେନି ହୋଟେଲ୍ ଅପେକ୍ଷା ମଠରେ ଅତି ଉତ୍ତମ ବ୍ୟବସ୍ଥାରେ ଥିବ, ତାକୁ ସାକ୍ଷାତ କରି ଭଲମନ୍ଦ ବୁଝିବା ଅନାବଶ୍ୟକ, ଏମିତି କିଛି ଭାବୁଥିଲା ଆନନ୍ଦ।

କିନ୍ତୁ ଜେନିର ସାକ୍ଷାତ କରିବାର ଆକାଂକ୍ଷା ଓ ତହିଁରୁ ଉତ୍ପନ୍ନ ଭାବତରଙ୍ଗ ଆନନ୍ଦକୁ ସ୍ପର୍ଶ କରିବାର ମୁହୂର୍ତ୍ତରେ ହୁଏତ ଆନନ୍ଦର ମନେପଡୁଥିଲା ଜେନିକଥା । ସମୟ ଅଭାବର ଆଳକରି ସୂକ୍ଷ୍ମ ଆହ୍ୱାନକୁ ଆଡ଼େଇ ଯାଉଥିଲା ଆନନ୍ଦ । ତଥାପି ତା'ର ଅବଚେତନରେ ଗୋଟେ ପ୍ରକାର ଅପ୍ରକାଶିତ ଅଭିଳାଷ ଥିଲା । ସେ ଭାବି ସ୍ଥିର କରିଥିଲା, ରଥଯାତ୍ରା ଦିନ ହିଁ ସେ ଯିବ ଜେନିକୁ ସାକ୍ଷାତ କରି ଏବଂ ସେଠାରେ ତା' ଶରୀରର ଅବସ୍ଥା ଯଦି ଭଲଥାଏ, ତା'ହେଲେ ରଥାରୂଢ଼ ଅବସ୍ଥାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରାଇବାରେ ସହଯୋଗ କରିପାରିବ ଜେନିକୁ ।

'ହେଲେ ଜେନି ଭଲ ଥିବ ତ ?' ଏମିତି ସନ୍ଦେହଟେ ବି ଦାନା ବାନ୍ଧୁଥିଲା ଆନନ୍ଦ ଭିତରେ ।

ଏକ ପ୍ରକାର ଅନିଶ୍ଚିତତା ଭିତରେ ଘାଣ୍ଟି ହେଉଥିଲା ଆନନ୍ଦ । ଜେନିର କଥା ଯଦି ସତ ହୁଏ, ତେବେ ତା' ଜୀବନର ଅବଶିଷ୍ଟ ଆୟୁକାଳ ରଥଯାତ୍ରାର ପୂର୍ବ କିମ୍ବା ପରଦିନ ସମାପ୍ତ ହୋଇଯିବା କଥା । ଖୁବ୍ ବେଶି ମୁମୂର୍ଷୁ ଅବସ୍ଥାରେ ଥାଇପାରେ ସେ । ଏ ସ୍ଥିତିରେ ତାକୁ ସାକ୍ଷାତ କରିବା କେତେଦୂର ପରିସ୍ଥିତି ଅନୁକୂଳ ହୋଇପାରିବ, ତାହା ମଧ୍ୟ ଆନନ୍ଦର ଅନ୍ୟଏକ ଚିନ୍ତାର କାରଣ ଥିଲା । ଶେଷ ଅବସ୍ଥାରେ ତାକୁ ସାକ୍ଷାତ କରିବା ନିଶ୍ଚିତ ବେଦନାଦାୟକ ହେବ। ଜଣେ ପରଦେଶୀ ବିଦେଶିନୀ ମହିଳା ପାଇଁ କେବଳ କଷ୍ଟ ପାଇବା ହିଁ ସାର ହେବ । ଏମିତିରେ ଜେନି ତା'ର କିଏ ? ଜଣେ ବିଦେଶିନୀ ପର୍ଯ୍ୟଟକ, ଗାଇଡ୍‌ର କର୍ତ୍ତବ୍ୟ ଆଧାରରେ ତାକୁ ଏ ଯାଏଁ ସାହାଯ୍ୟ କରି ଆସିଚି ଯାହା । ସବୁ ଦୃଷ୍ଟିରୁ ରଥଦିନ ଯିବା ହିଁ ଉଚିତ ହେବ ବୋଲି ଆନନ୍ଦ ମନେମନେ ସ୍ଥିର କରି ସାରିଥିଲା ।

ସେଦିନ, ଅର୍ଥାତ୍ ରଥଯାତ୍ରା ପୂର୍ବଦିନ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ କେତେଜଣ ରାଜସ୍ଥାନୀ ପର୍ଯ୍ୟଟକଙ୍କ ସହିତ ସେ କୋଣାର୍କରେ ରହିଯାଇଥିଲା। ଫେରୁଫେରୁ ରାତି। ଘରେ ପହଞ୍ଚିଲା ଯଥେଷ୍ଟ ବିଳମ୍ବରେ। ସଂସାରରେ ସବୁ ମାତା ପ୍ରତୀକ୍ଷାମାଣା। ଯେତେ ବିଳମ୍ବ ହେଲେ ବି ପୁତ୍ରର ଆଗମନକୁ ସେମାନେ ନିଷ୍ପଲକ ଅନେଇ ରହିଥାନ୍ତି। ଆନନ୍ଦର ମାତା ସୁଭଦ୍ରା ଦେବୀ ରାତି ଖାଇବା ଯୋଗାଡ଼ କରି ଅପେକ୍ଷା କରିଥିଲେ ପୁଅକୁ। ବିଳମ୍ବିତ ପ୍ରହରରେ ମା' ପୁଅ ସାଥୀ ହୋଇ ଖାଇଲାବେଳେ ସୁଭଦ୍ରା ଦେବୀ ପଚାରିଥିଲେ ପୁଅକୁ-

"କାଲି କେତେବେଳେ ଯିବା ବଡ଼ଦାଣ୍ଡକୁ ?"

"ସବୁବର୍ଷ ଯେତେବେଳେ ଯାଆନ୍ତି ସେତେବେଳେ!" ଖାଉଁ ଖାଉଁ ଉତ୍ତର କଲା ଆନନ୍ଦ। ଯୋଗ କଲା, "ରଥଟଣା ବେଳକୁ।"

"ନାଇଁ ପୁଅ, ଏଥର ଭାବିଛି ଆଗରୁ ଯିବି । ପହଣ୍ଡି ବିଜେ ପୂର୍ବରୁ । କେତେବର୍ଷ ହେଲା ପହଣ୍ଡି ଦେଖିପାରୁ ନାହିଁ। ଏଥର ପହଣ୍ଡିରେ ଦେଖିବି ଠାକୁରମାନଙ୍କୁ।"

ମା'ଙ୍କ କଥାରେ ସମ୍ମତି ଜଣେଇଥିଲା ଆନନ୍ଦ। ଯେତେବେଳେ ଗଲେ ବି ଚଳିବ । ମା'ଙ୍କ ସହିତ ଜେନିକୁ ବି ପରିଚିତ ହେବାର ସୁଯୋଗଟିଏ ମିଳିଯିବ ବଡ଼ଦାଣ୍ଡରେ ।

ମଣିଷର ଯୋଜନା ମୁତାବକ ଘଟଣା ଘଟିବାକୁ ବାଧ୍ୟ ନୁହେଁ। ସର୍ବଦା ତାହା ହୋଇନଥାଏ। ବେଳେବେଳେ ସେହି ଘଟଣା ଦୁର୍ଘଟଣାର ରୂପନିଏ। ଆନନ୍ଦ ଜୀବନରେ ଆଉ ଏକ ମସ୍ତବଡ଼ ଦୁର୍ଘଟଣା ଯେମିତି ଗୁଣ୍ଡିଚା ଦିନକୁ ହିଁ ପ୍ରତୀକ୍ଷା କରି ରହିଥିଲା। ବଡ଼ଦାଣ୍ଡରେ ରଥ ଉପରେ ଶ୍ରୀଜୀଉମାନଙ୍କୁ ଫୁଲ ଲାଗି କରେଇବାକୁ ଆନନ୍ଦର ମାତା ସୁଭଦ୍ରା ଦେବୀ ନିଜ ବାରି ବଗିଚାରୁ ସକାଳେ ଫୁଲ ସଂଗ୍ରହ କରୁଥିଲା ବେଳେ ଘାସ ତଳେ ଲୁଚିଥିବା ଏକ ନାଗସାପ ତାଙ୍କୁ ଦଂଶନ କଲା।

ନାଗସାପର ଜ୍ୱାଳାରେ ଜର୍ଜରିତା ମା' ସୁଭଦ୍ରା ସେହି ବଗିଚାରୁ ଡାକ ପକେଇଲେ ପୁଅକୁ। ଦଉଡ଼ିଯାଇ ଆନନ୍ଦ ମା'ଙ୍କର ଏ ଅବସ୍ଥାରେ ହତମ୍ଭ ହୋଇ ଯାଇଥିଲା। ଆଉ କାଳକ୍ଷେପଣ ନ କରି ତୁରନ୍ତ ନିଜ ମୋଟର୍ ସାଇକେଲ୍ ପଛରେ ବସେଇ ସେଇ ଅବସ୍ଥାରେ ସେ ମା'ଙ୍କୁ ନେଇ ପହଞ୍ଚେଇଥିଲା ଡାକ୍ତରଖାନାରେ।

ବଡ଼ଦାଣ୍ଡରେ ଜେନି ରଥ ସାମ୍ନାରେ ପାଗିଳିନୀ ପରି ନୃତ୍ୟରେ ମଜ୍ଜି ଯାଇଥିଲାବେଳେ, ମା'ଙ୍କୁ ନାଗସାପ ଦଂଶନର ଜ୍ୱାଳା ଓ ଯନ୍ତ୍ରଣାରୁ ମୁକୁଳେଇବା ପାଇଁ ଆନନ୍ଦ ଡାକ୍ତରଖାନାରେ ନିଜର ପ୍ରଚେଷ୍ଟା ଜାରି ରଖିଥିଲା। ଆଉ ବଡ଼ଦାଣ୍ଡରେ ଜେନି ସହିତ ଆନନ୍ଦର ଭେଟ ହୋଇ ନଥିଲା। ବିଧିର ବିଧାନ ଥିଲା ବିଚିତ୍ର। ଠିକ୍ ଦିନ ଗୋଟାଏ ବେଳେ ମାତା ସୁଭଦ୍ରାଙ୍କର ମହାପ୍ରୟାଣ ଗାଡ଼ି ଗଡ଼ିଥିଲା ସ୍ୱର୍ଗଦ୍ୱାର ମଶାଣିକୁ। ଠିକ୍ ସେତିକିବେଳେ ରଥ ଗଡ଼ିଥିଲା ବଡ଼ଦାଣ୍ଡରେ ଗୁଣ୍ଡିଚାମନ୍ଦିର ଅଭିମୁଖେ।

ମାତା ସୁଭଦ୍ରାଦେବୀଙ୍କ ମୃତ୍ୟୁରେ ଆନନ୍ଦକୁ ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା। ଏତେବଡ଼ ଦୁନିଆରେ ତା'ର ନିଜର ବୋଲି ଆଉ କେହି ନ ଥିଲେ। ଭାଇ ଭାଉଜ ଓ ତା'ର ପିଲାପିଲି ଦିଲ୍ଲୀରେ। କେବେ ବି ଆସନ୍ତି ନାହିଁ ଘରକୁ। ଜନ୍ମମାଟି ଓ ଜନ୍ମକଲା ମା'କୁ ଏକପ୍ରକାର ଭୁଲିଯାଇଥିଲେ ସେମାନେ। ଏଣୁ ମା' ହିଁ ଥିଲା ତା'ର ଏକମାତ୍ର ଭରସା, ଯିଏ ଘରେ ରହି ଜମିବାଡ଼ି କଥା ବୁଝାସୁଝା କରୁଥିଲା। ସ୍ତ୍ରୀ ମୀନାକ୍ଷୀ ଛାଡ଼ି ଚାଲିଯିବା ପରେ ଏମିତି ବେପରୱା ଭାବେ ଆନନ୍ଦର ସମୟ ବିତି ଯାଉଥିଲା ଟୁରିଷ୍ଟମାନଙ୍କ ସାଥିରେ।

ଅଧା ବୟସରୁ ସୁଭଦ୍ରାଦେବୀ ବିଧବା ହୋଇ ଯାଇଥିଲେ। ସ୍ୱାମୀ ଗଣେଶ୍ୱରଙ୍କର ମୃତ୍ୟୁଥିଲା ଆକସ୍ମିକ, ଗୋଟେ ସଡ଼କ ଦୁର୍ଘଟଣାରେ । ସନ୍ଧ୍ୟା ଉତ୍ତାରେ ବଜାରରୁ ସଉଦା କରି ସାଇକେଲରେ ଘରକୁ ଫେରୁଥିଲାବେଳେ ଅସ୍ୱାଭାବିକ ଭାବେ ଏକ ବାଲି ବୋଝେଇ ଟ୍ରକ୍ ନିୟନ୍ତ୍ରଣ ହରେଇ ପଛରୁ ମାଡ଼ି ଯାଇଥିଲା ତାଙ୍କ ଉପରେ। ସେଇଠାରେ ହିଁ ମୃତ୍ୟୁ ହୋଇଯାଇଥିଲା ଗଣେଶ୍ୱରଙ୍କର । ସେତେବେଳେ ଦୁଇଟି ସାନ ସାନ ପିଲା କୋଳରେ। ଜୀବନରେ ଯାବତୀୟ ଜଂଜାଳ ଓ ସଂକଟକୁ ସାମନା କରି କରି ଏଇ ପିଲା ଦିଓଟିଙ୍କୁ ମଣିଷ କରିଥିଲେ ସୁଭଦ୍ରାଦେବୀ । ପାଠଶାଠ ପଢ଼େଇ ଉଚ୍ଚଶିକ୍ଷିତ ମଧ୍ୟ କରାଇଥିଲେ । ବଡ଼ପୁଅ ବିନୋଦ ଅର୍ଥଶାସ୍ତ୍ରରେ ଏମ୍.ଏ.ପାସ୍ କଲା । ପରେ ଦିଲ୍ଲୀସ୍ଥିତ ଅର୍ଥ ମନ୍ତ୍ରଳାୟରେ ଚାକିରି ପାଇ ଚାଲିଯାଇଥିଲା ଏବଂ ସେଠାରେ କୌଣସି ଏକ ଝିଅକୁ ଭଲପାଇ ବିବାହ କରିବା ଥିଲା ମା' ସୁଭଦ୍ରାଦେବୀଙ୍କ ପାଇଁ ଗୋଟେ ବିଡ଼ମ୍ବନା। ବଡ଼ପୁଅକୁ ନେଇ ଦେଖିଥିବା ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଥିଲା ସୁଭଦ୍ରା ଦେବୀଙ୍କର।

ତଦ୍ରୂପ ଏକ ଘଟଣା ଘଟିଥିଲା ଆନନ୍ଦ ଜୀବନରେ । ଏମ.ଏ. ପଢୁଥିଲା ବେଳେ ଭଲପାଇ ବସିଲା ନିଜ ସହପାଠିନୀ ମୀନାକ୍ଷୀକୁ। ଏଥିରେ ଉଭୟଙ୍କର ପ୍ରେମକୁ ସ୍ୱୀକୃତି ଦେଇ ବିବାହ କରାଇ ଦେଇଥିଲେ ସୁଭଦ୍ରାଦେବୀ । ହେଲେ ଛ'ମାସ ପରେ ପୁଅ ବୋହୂଙ୍କର ଛାଡ଼ବାଡ଼ ହୋଇଗଲା । କୋର୍ଟରେ ଭିନ୍ନ ଭିନ୍ନ ମିଥ୍ୟା କାରଣ ଦର୍ଶେଇ ମୀନାକ୍ଷୀ ଡିଭୋର୍ସ୍ କରିଥିଲା ଆନନ୍ଦକୁ । ପରିଣତିରେ ଆନନ୍ଦ ଘୋର ହତାଶା ଓ ନୈରାଶ୍ୟ ଭିତରେ ଘାଣ୍ଟି ହୋଇଥିଲା । ଗୋଟେ ପ୍ରାଇଭେଟ୍ କଲେଜରେ କରୁଥିବା ଅଧ୍ୟାପନା ଚାକିରି ଛାଡ଼ି ଦେଇ ଘରେ ବସି ରହିଲା । ଅନେକଦିନ ପରେ, କୋଣାର୍କ ଚନ୍ଦ୍ରଭାଗାରେ ବେପରୱା ଘୂରି ବୁଲିବା ଭିତରେ ଅଜଣା ଟୁରିଷ୍ଟମାନଙ୍କୁ ସାହାଯ୍ୟ ସହଯୋଗ କରୁ କରୁ କ୍ରମେ 'ଟୁରିଷ୍ଟ ଗାଇଡ୍' ବୃତ୍ତିକୁ ଆପଣେଇ ନେଇଥିଲା।

ପ୍ରତିଟି ସମୟ ଘଟଣାପ୍ରବଣ। କେବଳ ପୃଥିବୀ କାହିଁକି, ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ପ୍ରତିକ୍ଷଣରେ କେଉଁଠି ନା କେଉଁଠି, କିଛି ନା କିଛି ଘଟଣା ଲାଗି ରହିଛି ଅହରହ। ଯାହାକୁ ଜାଣିବା ମଣିଷ ପକ୍ଷେ ଅସଂଭବ। ବଡ଼ଦାଣ୍ଡରେ ଜେନି ଓ ପୁରୀ ବଡ଼ ଡାକ୍ତରଖାନାରେ ଆନନ୍ଦ ମା'ଙ୍କ ମୃତ୍ୟୁରେ ଶୋକାକୁଳ ହୋଇପଡୁଥିଲା ବେଳେ ହୋଟେଲ ସାଗରିକାରେ ପ୍ରଶାନ୍ତିକୁ ନେଇ ଏକ ଅଘଟଣ ବି ଘଟିଗଲା । ଗୁଣ୍ଡିଚାଯାତ ପାଇଁ ଦେଶୀ ବିଦେଶୀ ଯାତ୍ରୀମାନଙ୍କ ଭିଡ଼ରେ ବଡ଼ଦାଣ୍ଡ ପରି ପ୍ରତିଟି ହୋଟେଲ୍ ଓ ଲଜ୍ ଏକପ୍ରକାର ଅଣନିଶ୍ୱାସୀ ହୋଇ ପଡିଥିଲା । ଏହାର ପ୍ରତିଟି ପ୍ରକୋଷ୍ଠରେ ଖୁନ୍ଦି ଯାଇଥିଲେ ଯାତ୍ରୀ । ଦୁଇଦିନ ପୂର୍ବରୁ ହୋଟେଲ୍ ସାଗରିକାର ଏଗାର ନମ୍ବର ପ୍ରକୋଷ୍ଠରେ ଗୋଟେ ବଂଗାଳୀ ଦମ୍ପତି ଆସି ରହିଥିଲେ । ରହିବାର ଦିନକ ପରେ ସେମାନଙ୍କ ରୁମ୍‌ରୁ ଗୋଟେ ଦାମୀ ମୋବାଇଲ୍ ଚୋରି ହୋଇଗଲା ଅଥବା କେଉଁଠି ହଜିଗଲା। କିନ୍ତୁ ସେମାନେ ସ୍ପଷ୍ଟ ଇଂଗିତ କଲେ କୌଣସି କର୍ମଚାରୀ ତାଙ୍କର ମୋବାଇଲ୍ ଚୋରି କରି ନେଇଛି ଏବଂ ଏଥିପାଇଁ ସେ ହେଟେଲ୍ ମାଲିକ ପାଖରେ ଏକ ଲିଖିତ ଅଭିଯୋଗ କଲେ । ହୋଟେଲ୍ ମାଲିକ ଏଥିରେ ମର୍ମାହତ ହେଲେ ଏବଂ ହେଟେଲ୍‌ର ପ୍ରତି କର୍ମଚାରୀମାନଙ୍କ କକ୍ଷ ତଲାସି କରୁଥିଲାବେଳେ ପ୍ରଶାନ୍ତିର ରହିବା କୋଠରୀରୁ ଗୋଟେ ଦାମୀ କ୍ୟାମେରାର ସନ୍ଧାନ ପାଇଲେ । କ୍ୟାମେରାଟି ପ୍ରଶାନ୍ତି ହେଟେଲ୍‌ର କୌଣସି ଯାତ୍ରୀଙ୍କଠାରୁ ନିଶ୍ଚିତ ଚୋରି କରିଛି, ଏମିତି ଏକ ଦୃଢ଼ ଆରୋପ ଲଗେଇଲେ ହୋଟେଲ ମାଲିକ, ପ୍ରଶାନ୍ତି ଉପରେ ।

ଉତ୍ତରରେ ପ୍ରଶାନ୍ତି କାକୁସ୍ଥ ହୋଇ ସଫେଇ ଦେଇଥିଲା "ମୁଁ ଏ କ୍ୟାମେରା ଚୋରି କରିନାହିଁ ଆଜ୍ଞା ! ମାସେ ତଳେ ଏଠି ବାରନମ୍ବର ପ୍ରକୋଷ୍ଠରେ ଏକପକ୍ଷ ବ୍ୟାପୀ ଯେଉଁ ମାମ ଜଣକ ଏକାକୀ ରହୁଥିଲେ, ସେ ମୋତେ ଖୁସିରେ ଦେଇଯାଇଥିଲେ ଏ ଦାମୀ କ୍ୟାମେରାଟି । ଆଦୌ ମୁଁ ଚୋରି କରିନାହିଁ ୟା'କୁ । ହେଟେଲ୍ ସହିତ ସଂପର୍କିତ ଗାଇଡ୍ ବାବୁ ଏକଥା ଜାଣନ୍ତି।"

କିନ୍ତୁ ପ୍ରଶାନ୍ତିର ଏ ଆତ୍ମ ସଫେଇକୁ ଆଦୌ ସ୍ୱୀକାର କରି ନଥିଲେ ମାଲିକ। ଉଭୟ ମାନସିକ ଓ ଶାରୀରିକ ଯାତନା ଦେଇଥିଲେ ପ୍ରଶାନ୍ତିକୁ ଏବଂ ଅବଶେଷରେ ସେଇଦିନ, ସେଇ ମୁହୂର୍ତ୍ତରେ ତାକୁ ହୋଟେଲ୍‌ରୁ ବାହାର କରିଦେଲେ।

ପ୍ରଶାନ୍ତି କାକୁତି ମିନତି ସହିତ ଅନେକ ନେହୁରା ହେଲା ମାଲିକଙ୍କୁ। ତଥାପି ମାଲିକର ହୃଦୟ ଟିକିଏ ବି ତରଳିଲା ନାହିଁ ତା' ବିନତିରେ। ଚାକର ଲଗେଇ ପ୍ରଶାନ୍ତିର ସମସ୍ତ ବ୍ୟବହାର୍ଯ୍ୟ ଜିନିଷପତ୍ର ଆଣି ବାହାରେ ଫୋପାଡ଼ି ଦେଇଥିଲେ।

ଅନେକ ବେଳଯାଏଁ ପ୍ରଶାନ୍ତି କାଉଣ୍ଟର୍ ରୁମ୍‌ର ଗୋଟିଏ କୋଣକୁ ଆଉଜି ଛିଡ଼ାହୋଇ କେବଳ ଲୁହ ଗଡ଼େଇବା ବ୍ୟତୀତ ଅନ୍ୟକିଛି ଉପାୟ ଖୋଜି ପାଉନଥିଲା।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ଭାଗବତର ମହତ୍ତ୍ୱ ଏବଂ ସାମାଜିକ ଆବଶ୍ୟକତା



**ଡ. ଅମୂଲ୍ୟ କୁମାର ପଣ୍ଡା**

ଭାଗବତ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ ବରଂ ଆଧ୍ୟାତ୍ମିକ ଏବଂ ନୈତିକ ଶିକ୍ଷାର ଏକ ଉତ୍ସ। ଭାଗବତ ପାଠ କରିବା ଦ୍ୱାରା ମନକୁ ଧୈର୍ଯ୍ୟ ଏବଂ ଶାନ୍ତି ମିଳିଥାଏ। ଆଜିର ବ୍ୟସ୍ତବହୁଳ ଏବଂ ଚାପପୂର୍ଣ୍ଣ ଜୀବନରେ ଲୋକମାନେ ମନର ଶାନ୍ତି ପାଇବା ପାଇଁ ବିଭିନ୍ନ ଉପାୟ ଖୋଜୁଛନ୍ତି। ଏପରି ପରିସ୍ଥିତିରେ, ଭାଗବତର ଶ୍ଳୋକ ଏବଂ ବାଣୀ ମନକୁ ଶାନ୍ତ କରିଥାଏ ଏବଂ ଆଧ୍ୟାତ୍ମିକ ସନ୍ତୋଷ ପ୍ରଦାନ କରିଥାଏ। ଏହା ଭକ୍ତିକୁ ବୃଦ୍ଧି କରିଥାଏ। ଭାଗବତ ବିଶେଷ ଭାବରେ ଭକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ। ଏହା ଈଶ୍ୱରଙ୍କ ପ୍ରତି ଭକ୍ତି ଏବଂ ପ୍ରେମ ବିକଶିତ କରିବାର ସର୍ବୋତ୍ତମ ଉପାୟ। ଏହା ଲୋକମାନଙ୍କୁ ସେମାନଙ୍କର ଅହଂକାର ତ୍ୟାଗ କରି ଏକ ସରଳ ଏବଂ ନମ୍ର ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭାଗବତ ପାଠ କରିବା ଦ୍ୱାରା ନୈତିକ ମୂଲ୍ୟବୋଧରେ ଉନ୍ନତି ଆଣେ। ଏହି ପୁସ୍ତକ ଧାର୍ମିକତା, ସତ୍ୟବାଦୀତା, ଦୟା, କରୁଣା ଏବଂ ସଚ୍ଚୋଟତା ଭଳି ଗୁଣ ଉପରେ ବହୁତ ଗୁରୁତ୍ୱ ଦିଏ। ଏହାକୁ ପଢ଼ିବା ଦ୍ୱାରା ଲୋକଙ୍କୁ ଭଲ ମଣିଷ ହେବାକୁ ପ୍ରେରଣା ମିଳେ ଏବଂ ସମାଜରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୁଏ। ଏହା ଆତ୍ମ-ଜ୍ଞାନ ଏବଂ ଜୀବନର ସତ୍ୟକୁ ବୁଝିବାରେ ସାହାଯ୍ୟ କରେ। ଭାଗବତର ବାଣୀ ଜୀବନର ଅନିତ୍ୟତା, କର୍ମର ପରିଣାମ ଏବଂ ମୋକ୍ଷର ପଥ ବିଷୟରେ ସୂଚନା ପ୍ରଦାନ କରେ। ଏହା ଜଣେ ବ୍ୟକ୍ତିକୁ ସଠିକ ଦିଗରେ ଗତି କରିବାକୁ ପ୍ରେରଣା ଦିଏ।

ଭାରତୀୟ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାରେ, ଶ୍ରୀମଦ୍ ଭାଗବତ ପୁରାଣ ଏକ ଅତ୍ୟନ୍ତ ପବିତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। ଏହାକୁ ମହର୍ଷି ବ୍ୟାସଙ୍କ ଦ୍ୱାରା ରଚିତ ବୋଲି ବିଶ୍ୱାସ କରାଯାଏ। ଭାଗବତ ପୁରାଣ ଭଗବାନ ଶ୍ରୀକୃଷ୍ଣଙ୍କ କାରନାମା, ଧର୍ମ, ଭକ୍ତି ଏବଂ ଜୀବନର ଉଚ୍ଚ ଆଦର୍ଶ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରେ। ଏହା କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ, ବରଂ ଜୀବନର ଏକ ଦର୍ଶନ ଯାହା ବ୍ୟକ୍ତିକୁ ସଠିକ ପଥ ଅନୁସରଣ କରିବାକୁ ପ୍ରେରଣା ଦିଏ। ଭାଗବତ ପୁରାଣ ଭକ୍ତି ଉପରେ ଆଧାରିତ। ଏହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଏବଂ ଭକ୍ତି ରହିବାକୁ ଶିକ୍ଷା ଦିଏ। ଏହା ଦର୍ଶାଏ ଯେ ସରଳ ଭକ୍ତି ମୋକ୍ଷ ଆଡ଼କୁ ନେଇପାରେ। ଭାଗବତ ଅନେକ କାହାଣୀ ଏବଂ ଉଦାହରଣ ମାଧ୍ୟମରେ ନୈତିକ ଶିକ୍ଷା ପ୍ରଦାନ କରେ। ପ୍ରହ୍ଲାଦଙ୍କ ଭକ୍ତି, ଧ୍ରୁବଙ୍କ ଭକ୍ତି ଏବଂ ଅମ୍ବରୀଶଙ୍କ ଭକ୍ତି ସତ୍ୟ, ଧାର୍ମିକତା ଏବଂ ସହନଶୀଳତାର ମୂଲ୍ୟ ଶିକ୍ଷା ଦିଏ। ଭାଗବତର ଦଶମ ଅଧ୍ୟାୟ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳ, ଯୌବନ ଏବଂ ପରିଣତ ବୟସରେ ତାଙ୍କର କାରନାମା ବର୍ଣ୍ଣନା କରେ। ଗୋପୀମାନଙ୍କ ସହିତ ତାଙ୍କର ମିଳନ ସାକ୍ଷାତ, କଂସଙ୍କ ବଧ ଏବଂ ଗୀତାର ଶିକ୍ଷା ଧର୍ମ ଏବଂ କର୍ତ୍ତବ୍ୟର ଶିକ୍ଷା ଦିଏ। ଭଗବଦ୍ ଗୀତା ଆମକୁ କହେ ଯେ ଏହି ଜୀବନ ଅନିତ୍ୟ ଏବଂ ପ୍ରବଞ୍ଚନାପୂର୍ଣ୍ଣ। ତେଣୁ, ଜୀବନକୁ ସଫଳ କରିବା ପାଇଁ, ଧର୍ମ, କର୍ମ ଏବଂ ଭକ୍ତିରେ ବୁଡ଼ି ରହିବା ଉଚିତ। ଭଗବଦ୍ ଗୀତାର ମହତ୍ତ୍ୱ ଜନ୍ମ ଏବଂ ମୃତ୍ୟୁର ଶିକୁଳିରୁ ମୁକ୍ତି ଦେବାର କ୍ଷମତାରେ ରହିଛି। ଏହା ଆତ୍ମାର ପବିତ୍ରତା ଏବଂ ପରମ ଶାନ୍ତି ପ୍ରାପ୍ତ କରିବାର ଉପାୟ ପ୍ରଦାନ କରେ।

ତେଣୁ, ଭଗବଦ୍ ଗୀତାର ସାମାଜିକ ଆବଶ୍ୟକତା କ'ଣ ? ଆସନ୍ତୁ ଜାଣିବା। ଆଜିର ସମାଜ ଦୁର୍ନୀତି, ହିଂସା, ମିଥ୍ୟା ଏବଂ ଅନ୍ୟାନ୍ୟ ଅନେକ ଅନୈତିକ କାର୍ଯ୍ୟ ଦ୍ୱାରା ଜର୍ଜରିତ। ଭଗବଦ୍ ଗୀତାର ଶିକ୍ଷା ବ୍ୟକ୍ତିମାନଙ୍କୁ ନୈତିକ ଏବଂ ସତ୍ୟବାଦୀ ହେବାକୁ ସଶକ୍ତ କରେ, ଯାହା ଏକ ସୁସ୍ଥ ସମାଜ ଆଡ଼କୁ ନେଇଯାଏ। ଆଜିର ବିଶ୍ୱରେ, ଲୋକମାନେ ଚିନ୍ତା, ଚାପ ଏବଂ ଅଶାନ୍ତି ସହିତ ବଞ୍ଚନ୍ତି। ଭଗବଦ୍ ଗୀତା ପଢ଼ିବା ଏବଂ ଶୁଣିବା ଦ୍ୱାରା ଜୀବନରେ ମନର ଶାନ୍ତି ଏବଂ ସନ୍ତୁଳନ ଆସେ। ଭଗବଦ୍ ଗୀତା ଲୋକଙ୍କୁ ପ୍ରେମ, ସହଯୋଗ ଏବଂ ଭ୍ରାତୃତ୍ୱ ଶିଖାଏ। ଏହା ସମସ୍ତ ଜାତି, ଧର୍ମ ଏବଂ ବର୍ଗର ଲୋକଙ୍କୁ ଏକତ୍ର କରିବାରେ ସାହାଯ୍ୟ କରେ। ଭଗବଦ୍ ଗୀତା ଆମକୁ ପରିବାର ଏବଂ ସମ୍ପର୍କର ଗୁରୁତ୍ୱ ବିଷୟରେ ଅନେକ ଶିକ୍ଷା ଦିଏ। ଏହା ପରିବାର ମଧ୍ୟରେ ପ୍ରେମ, ସମ୍ମାନ ଏବଂ ଏକତାକୁ ପ୍ରୋତ୍ସାହିତ କରେ। ଆଜିର ଯୁବପିଢ଼ି ପ୍ରାୟତଃ ସଠିକ୍ ପଥରୁ ବିଚ୍ୟୁତ ହୁଅନ୍ତି। ଭଗବଦ୍ ଗୀତାର ଶିକ୍ଷା ଲୋକଙ୍କୁ ସଠିକ୍ ଦିଗରେ ମାର୍ଗଦର୍ଶନ କରେ ଏବଂ ସତ୍ୟ, ନୀତି ଏବଂ ଆଦର୍ଶ ଉପରେ ଆଧାରିତ ଜୀବନଯାପନ କରିବାକୁ ପ୍ରେରଣା ଦିଏ।

ଆଜିର ସମୟରେ, ବିଜ୍ଞାନ ଏବଂ ପ୍ରଯୁକ୍ତିର ଉନ୍ନତି ସତ୍ତ୍ୱେ, ଲୋକଙ୍କ ମନରେ ମାନସିକ ଶାନ୍ତିର ଅଭାବ ରହିଛି। ଏହି ସମୟରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି। ଏହା ଲୋକଙ୍କୁ ଆତ୍ମବିଶ୍ୱାସ, ସହନଶୀଳତା ଏବଂ ଧୈର୍ଯ୍ୟ ପ୍ରଦାନ କରେ। ଭଗବଦ୍ ଗୀତା ଆମକୁ ଶିକ୍ଷା ଦିଏ ଯେ ପ୍ରକୃତ ଧନ ଆଧ୍ୟାତ୍ମିକ ସମ୍ପତ୍ତିରେ ନାହିଁ, ଭୌତିକ ସମ୍ପତ୍ତିରେ ଅଛି। ଏହା ଲୋକଙ୍କୁ ନିଜ ମନକୁ ନିୟନ୍ତ୍ରଣ କରିବାକୁ ଏବଂ ସରଳ ଜୀବନଯାପନ କରିବାକୁ ପ୍ରେରଣା ଦିଏ। ଭଗବଦ୍ ଗୀତା ପଠନ ସାମାଜିକ ଏକତାକୁ ମଜବୁତ କରେ। ଏକାଠି ବସିବା, ଭଗବଦ୍ ଗୀତା ଶୁଣିବା କିମ୍ବା ପଠନ ସହଯୋଗ, ଭାଇଚାରା ଏବଂ ବନ୍ଧୁତାକୁ ପ୍ରୋତ୍ସାହିତ କରେ। ଭଗବଦ୍ ଗୀତା ପଠନ ଆଧ୍ୟାତ୍ମିକ ଶାନ୍ତି, ନୈତିକ ଶକ୍ତି ଏବଂ ଜୀବନରେ ସଠିକ୍ ଦିଗ ପ୍ରଦାନ କରେ। ଏହା ଆମ ଜୀବନକୁ ଶୁଭ ଏବଂ ସଫଳ କରିବା ପାଇଁ ଏକ ଅତ୍ୟାବଶ୍ୟକୀୟ ଉପକରଣ। ଶ୍ରୀମଦ୍ ଭଗବଦ୍ ଗୀତା ଏକ ମୂଲ୍ୟବାନ ଧାର୍ମିକ ଏବଂ ସାମାଜିକ ଗ୍ରନ୍ଥ। ଏହାର ମହିମା ଅପାର ଏବଂ ଏହା ଲୋକଙ୍କୁ ନୈତିକ, ଆଧ୍ୟାତ୍ମିକ ଏବଂ ସାମାଜିକ ଭାବରେ ସଶକ୍ତ କରେ। ଆଜିର ସମାଜରେ ଭଗବଦ୍ ଗୀତାର ବହୁତ ଆବଶ୍ୟକତା ଅଛି କାରଣ ଏହା ଲୋକଙ୍କୁ ସଠିକ୍ ପଥ ଦେଖାଏ ଏବଂ ଏକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ସମାଜ ସୃଷ୍ଟି କରିବାରେ ସାହାଯ୍ୟ କରେ। ଆମ ସମସ୍ତଙ୍କୁ ଭାଗବତଙ୍କ ଶିକ୍ଷାକୁ ଆମ ଜୀବନରେ ଅନୁସରଣ କରିବା ଉଚିତ, ଯାହା ଆମକୁ ଏବଂ ସମାଜକୁ ଲାଭଦାୟକ ହେବ।

♥ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

## ପଢ଼ିବା ପରେ...

## ନୀଳାମ୍ବର ପଣ୍ଡାଙ୍କ "ନୀଳ ତରଙ୍ଗ"...






ଜୀବନ ଆଉ ମଣିଷକୁ ଭଲ ପାଇବାର କଥା କୁହେ ତାଙ୍କର କବିତା ।ମୂଲ୍ୟବୋଧ ଭିତ୍ତିକ ଜୀବନ ଜିଇଁବାରେ ବିଶ୍ୱାସ ରଖନ୍ତି ସେ। ତାଙ୍କ କବିତା ହିଁ ତାଙ୍କ ଜୀବନର ଜଳଛବି।

*ତୁମଠାରୁ ଭିନ୍ନ ମୋ ବିଚାରଧାରା / ସ୍ୱକୀୟତା ମୋର ଧର୍ମ /ସାତ୍ତ୍ୱିକ ଶାଳିନୀ ସଚ୍ଚିନ୍ତ ଭାବ ହିଁ / ଜୀବନଚର୍ଯ୍ୟାର ମର୍ମ ...*

*(ଯାହାର ଯେମନ୍ତ ସ୍ୱଭାବ : ପୃ ୧୫)*

କେତେବେଳେ ସେ ପ୍ରେମରେ ମଗ୍ନବିଭୋର ତ କେତେବେଳେ ସ୍ମୃତିର ବର୍ଷାରେ ଓଦା ସରସର କବି ନୀଳାମ୍ବର ପଣ୍ଡା। ଶବ୍ଦ ଓ ଭାବର ଅପୂର୍ବ ସମନ୍ୱୟ ତାଙ୍କ କବିତାରେ ଦେଖିବାକୁ ମିଳେ।

*ମୁଁ ସ୍ଥିତପ୍ରଜ୍ଞ, ଆପଣାର ନିଜ ଶୈଳୀ, ସ୍ଥିତାବସ୍ଥା / ତହିଁ ଆତ୍ମହରା / ସ୍ୱକୀୟତ ମୂଲ୍ୟବୋଧେ ପରିପ୍ଲୁତ / ମୋ ଜୀବନଧାରା*

*(ନିଜସ୍ୱ ସଂଳାପ : ପୃ ୧୩)*

ଅନେକଗୁଡ଼ିଏ ରୋମାଣ୍ଟିକ ଚିନ୍ତାଧାରାର କବିତାରେ ସଂକଳନଟି ସମୃଦ୍ଧ। ଉତ୍ତୀର୍ଣ୍ଣ ବୟସରେ ଦାମ୍ପତ୍ୟ ପ୍ରେମର ଗାଢ଼ ଅନୁଭବ ବେଶ୍ ଜୀବନ୍ତ ହୋଇଛି ଠାଏ ଠାଏ। ସେ ପ୍ରେମ କିନ୍ତୁ ଟପିଯାଇ ପାରିନାହିଁ ସମାଜ ଟାଣିଥିବା ଲକ୍ଷ୍ମଣ ରେଖା।

*ଦାମ୍ପତ୍ୟର ଗୁଣଗ୍ରାମେ ନାହିଁ ପଟାନ୍ତର / ଏହା ହିଁ ତ ମୂଳାଧାର ଗାର୍ହସ୍ଥ୍ୟ ସ୍ରୋତର/*
*ସାଂସରିକ ଧର୍ମେ ନାହିଁ ପତିପତ୍ନୀ ଏକାକାର / ମାଟି ବୈକୁଣ୍ଠ ଅଟେ ସେ ଘର-ପରିବାର*

*(ଦାମ୍ପତ୍ୟର ଗୁଣଗ୍ରାମ : ପୃ ୧୦୨)*

ସମ୍ବେଦନଶୀଳ ହୃଦୟ ନେଇ ବଞ୍ଚିଥିବା ବ୍ୟକ୍ତି କପାଳରେ ଲଦି ହୋଇରହିଥାଏ ଅନେକ ପୀଡ଼ାର ବୋଝ।

*ଭଲ ପାଇବାରେ ପାଇଛି ପାଉଣା /ହୃଦ ବିଦାରିତ କ୍ଷତର ଯନ୍ତ୍ରଣା / କହି ହୁଏନା କି ସହି ହୁଏନା / ଆହତ ମନର ବିରହ ଯାତନା*

*(ଉପେକ୍ଷିତ : ପୃ ୨୬)*

ଯେ ଅଜାଡ଼ି ହୋଇପଡ଼େ ସେ ଉପେକ୍ଷିତ ହୋଇଥାଏ। ଆଉ ଉପେକ୍ଷିତର ସାହାରା ପୋଛେ ଲୁହ।

*ପ୍ରେମେ ସନ୍ତୁଳିତ ଅଦେଖା ଅକୁହା / ତା ସ୍ମୃତି କୁହୁଳା ଧୂଆଁ /ଦିକିଦିକି ଜାଳି ମରମ ଜଳାଇ / ପାଉଁଶ ତଳର ନିଆଁ*

*(ଆହତ ପ୍ରେମର ବ୍ୟଥା : ପୃ ୮୧)*

ସ୍ମୃତି ଯେତେବେଳେ ରଢ଼ ନିଆଁ ସାଜି ଜାଳୁଥାଏ ସେତେବେଳେ ଆଖି ଆଗରେ ଭାସିଉଠେ ଚପଳ ବୟସର ସଜଳସ୍ମୃତି।

*ଆଜି ବୟସର ମ୍ଳାନ ଅପରାହ୍ନେ / ମନ ଛୁଇଁଯାଏ ଅତୀତତଟ / ହଜିଲା ଦିନର ସ୍ମୃତି ଅନୁଭୂତି / ନାଚିଉଠେ ନେତ୍ରେ ତା ଚିତ୍ରପଟ।*

*(ହଜିଲା ଅତୀତ ଅଭୁଲା ସ୍ମୃତି : ପୃ ୪୧)*

ମୋଟାମୋଟି ଭାବରେ କହିବାକୁ ଗଲେ ଜୀବନ, ଦାମ୍ପତ୍ୟର ପ୍ରେମ ଆଉ ନିଃସଙ୍ଗତାକୁ ନେଇ 'ନୀଳ ତରଙ୍ଗ' ସଂକଳନର କବିତାଗୁଡ଼ିକ ସମୃଦ୍ଧ। କବିତାଗୁଡ଼ିକ ବେଶ୍ ମାର୍ଜିତ ଓ ପରିପକ୍ୱ। ମନଲୋଭା ଶବ୍ଦ ବସାଣ, ଉପମା ଓ ଚିତ୍ରକଳ୍ପ ଏହାର ଅନ୍ୟତମ ଆକର୍ଷଣ।ଅଣଚାଶଟି ସୁନିର୍ବାଚିତ କବିତାରେ ସମୃଦ୍ଧ ଏ ସଂକଳନର ପ୍ରକାଶକ ହେଲେ କୋଣାର୍କ ପବ୍ଲିକେଶନ।



**ସମୀକ୍ଷା : ବିପ୍ଳବ**
ମକୁନ୍ଦ ପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬୫

## ହରୀଶ ଚନ୍ଦ୍ର ଦାସଙ୍କ 'ଜୀବନ-ବିଜ୍ଞାନୀ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର'






ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର, ଯାହାଙ୍କର ୮୧ ବର୍ଷ କାଳର ସୁବିଶାଳ ଜୀବନ ବୃତ୍ତାନ୍ତର ମହାବୃତ୍ତ ଯେଉଁ ସ୍ୱାର୍ଥ କେନ୍ଦ୍ର ବିନ୍ଦୁକୁ ଘେରି ଆବର୍ତ୍ତିତ ହୋଇଅଛି ତାହାହେଲା ଖାଣ୍ଟି ମନୁଷ୍ୟ ଏବଂ ଖାଣ୍ଟି ସମାଜ। ଆଜି ସମାଜରେ ମନୁଷ୍ୟର ଅଭାବ, ମନୁଷ୍ୟର ଦୁର୍ଭିକ୍ଷ। ସମାଜରେ ଖାଣ୍ଟି ମନୁଷ୍ୟର ଅଭାବ ଯୋଗୁ ସର୍ବକ୍ଷେତ୍ରରେ ସମସ୍ୟା ଆଉ ସମସ୍ୟା। ଗୋଟିଏ ସମସ୍ୟା ସମାଧାନ କରିବାକୁ ଯାଇ ଆହୁରି ଅନେକ ସମସ୍ୟା ସୃଷ୍ଟି ହେଉଛି। ଅଥଚ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସମସ୍ୟା ଜଟିଳ ହୁଏ। କିନ୍ତୁ ଯେତେବେଳେ ପୁରୁଷୋତ୍ତମଙ୍କର କୃପାଦୃଷ୍ଟି ସେହି ସମସ୍ୟା ଉପରେ ପଡ଼େ, ସେଥିରେ ମନୁଷ୍ୟର ସବୁ ସମସ୍ୟାର ସମାଧାନ ହୋଇଯାଏ। ପୁରୁଷୋତ୍ତମଙ୍କର ବ୍ୟାକୁଳତା କେବଳ ମାତ୍ର ସମକାଳୀନ ପୃଥିବୀର ମନୁଷ୍ୟ ପାଇଁ ନୁହେଁ, ଆଗାମୀ ପୃଥିବୀର ସମସ୍ତ ମନୁଷ୍ୟର ଅସ୍ତିତ୍ୱର ଆକୁଳତା ସେ ଅନୁଭବ କରନ୍ତି।

ଉକ୍ତ ପୁସ୍ତକର ରଚୟିତା ଡ. ହରିଶ ଚନ୍ଦ୍ର ଦାଶ କୁହନ୍ତି, ଜୀବନ- ବିଜ୍ଞାନୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ନାମକ ଏହି ପୁସ୍ତକ ରଚନାର ଏକମାତ୍ର ଉଦ୍ଦେଶ୍ୟ- ପ୍ରତ୍ୟେକ ଜୀବନପ୍ରେମୀ, ଜୀବନକୁ ଭଲ ପାଉଥିବା ମନୁଷ୍ୟ ସଦ୍‌ଗୁରୁ ଯୁଗବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଧରାବକ୍ଷରେ ଆବିର୍ଭାବର ଉଦ୍ଦେଶ୍ୟ, ତାର ଭାବଧାରା ଓ ମାନବ ସମାଜ ପ୍ରତି ତା ଆର୍ତ୍ତିକୁ ଜାଣନ୍ତୁ, ବୁଝନ୍ତୁ, ମଣିଷ ନିଜ ବୈଶିଷ୍ଟ୍ୟରେ ପୂର୍ଣ୍ଣତା ଆଣୁ, ପୂର୍ଣ୍ଣ ବିକଶିତ ହୋଇ ଜୀବନ, ଯଶ ବୃଦ୍ଧିରେ ଉଦ୍‌ଭିନ୍ନ ହୋଇଉଠୁ, ମନୁଷ୍ୟତ୍ୱ ହାସଲ କରି ଦେବତ୍ୱର ଅଧିକାରୀ ହୋଇଉଠୁ। ଜୀବନ ବିଜ୍ଞାନୀ ଶ୍ରୀ ଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କୁ ଜାଣିବା ମାନେ ତାଙ୍କ ଜୀବନକୁ, ଜୀବନର ପ୍ରତିଟି ଘଟଣାକୁ ତନ୍ନ ତନ୍ନ କରି ଜାଣିବା।

୪୫୬ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକଟି ଡ. ହରିଶ ଚନ୍ଦ୍ର ଦାଶଙ୍କର ଏକ ଅମୃତମୟ କୃତି। ଯୁଗବତାର ଶ୍ରୀ ଶ୍ରୀ ଠାକୁରଙ୍କର ଦର୍ଶନ, ଭାବଧାରା, ମନୁଷ୍ୟର ବ୍ୟକ୍ତି ବୈଶିଷ୍ଟ୍ୟର ସ୍ଫୁରଣ ଓ ଅନ୍ତହୀନ ଜୀବନ ବର୍ଦ୍ଧନର ପଥ ତଥା ସମାଜର ସାମଗ୍ରିକ ପୂର୍ଣ୍ଣ ବିକାଶର ସୂତ୍ର ଯାହା ଶ୍ରୀ ଶ୍ରୀ ଠାକୁର ପ୍ରଦାନ କରିଛନ୍ତି, ତାହା ଏହି ପୁସ୍ତକରେ ଅତି ସୁନ୍ଦର ଓ ସାବଲୀଳ ଭାବରେ ବର୍ଣ୍ଣିତ ହୋଇଛି।

ପୁସ୍ତକଟିର ପ୍ରକାଶକ ଭାବେ ଶ୍ରୀମତୀ ମୀରାରାଣି ନାୟକ ଓ ପ୍ରଫେସର ବିନୋଦ କୁମାର ନାୟକ ଦାୟିତ୍ୱ ନିବାହ କରିଥିବାବେଳେ ପୁସ୍ତକଟିର ମୂଲ୍ୟ ଟ୧୪୦ଙ୍କା ରଖାଯାଇଛି। ପୁସ୍ତକଟି ସାଧାରଣ ମଣିଷକୁ ଦିଗ୍‌ଦର୍ଶନ ଦେଇ ଅସାଧାରଣ ସ୍ତରକୁ ମାର୍ଗ ଦେଖେଇବାର ଦାୟିତ୍ୱ ନିର୍ବାହ କରିବାର ଯତ୍ନଶୀଳତା ପ୍ରତିଟି ପୃଷ୍ଠାରେ ଦୃଶ୍ୟମାନ ହୁଏ। ଏହି ପୁସ୍ତକଟି ଅତ୍ୟନ୍ତ ଉପାଦେୟ।

♥ ସମୀକ୍ଷା:
ଧ୍ୱନି ପ୍ରତିଧ୍ୱନି ଫିଚର୍ସ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୫ ଏପ୍ରିଲ ୨୦୨୬



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...( ୨୫ )

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ସୁଲଳିତ କଣ୍ଠରେ ସେମାନେ ଗାଇ ଚାଲିଲେ... କିପରି ଧରିତ୍ରୀ ପାପର ଭାରରେ ଦାବି ଯାଉଥିବା ବେଳେ ଶାନ୍ତି ପ୍ରେମ ପ୍ରତିଷ୍ଠା କରିବା ପାଇଁ ଶ୍ରୀ ହରି ସ୍ୱୟଂ ଧରାବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ମହାନ୍ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ନିଜେ ଅନନ୍ତ ଲକ୍ଷ୍ମଣ ରୂପରେ ଏବଂ ଶଙ୍ଖ ଚକ୍ର ଦୁଇଜଣ ଭରତ ଶତ୍ରୁଘ୍ନ ରୂପରେ ଜନ୍ମ ଗ୍ରହଣ କରି ନିଜ କର୍ତ୍ତବ୍ୟ ନିଭାଇଥିଲେ। ସତ୍ୟସନ୍ଧ ଶ୍ରୀରାମଙ୍କ ଧର୍ମପତ୍ନୀ ହେବା ପାଇଁ ନିଜେ ଲକ୍ଷ୍ମୀ ମାତା ସୀତା ରୂପରେ ଆସି ଧରିତ୍ରୀ କୋଳରେ ପ୍ରକଟ ହୋଇଥିଲେ। କିପରି ଶ୍ରବଣ କୁମାରର ବୃଦ୍ଧ ଚକ୍ଷୁହୀନ ମାତାପିତାଙ୍କ ଅଭିଶାପ ବଳରେ ଦଶରଥଙ୍କ ସନ୍ନ୍ୟାସ ଭାବ ଜାଗ୍ରତ ହୋଇଥିଲା। ବର୍ଣ୍ଣନା କରିଥିଲେ ସେମାନେ କିପରି ରାମକାର୍ଯ୍ୟ କରିବା ପାଇଁ ନିଜର ଲୋଭ ସମ୍ଭାଳି ନପାରି ଏବଂ ଅରି ସଂହାରର ଶପଥ ନେଇ ନିଜେ ମହାଦେବ ଏକାଦଶ ରୁଦ୍ର ଅବତାର ନେଇ ହନୁମାନ ହୋଇ ଧରାବକ୍ଷରେ ଜନ୍ମ ନେଇଥିଲେ। କିପରି ରାମ ନାମର ଜପ ଦ୍ୱାରା ତାଙ୍କ ଭିତରେ ଅସରନ୍ତି ଶକ୍ତିର ସମଷ୍ଟି ଘଟିଥିଲା ଏବଂ ପ୍ରମାଣ ହୋଇଥିଲା ଯେ ରାମ ନାମଠାରୁ ବଡ ଏ ଦୁନିଆରେ ଆଉ କିଛି କେବେ ହୋଇ ପାରିବ ନାହିଁ।

କହି ଚାଲିଥିଲେ ସେମାନେ କିପରି ତୁମ ଜନ୍ମର ଯଥେଷ୍ଟ ପୂର୍ବରୁ ହନୁମାନ ଶଙ୍କରଙ୍କ କୃପା ପାଇ ତୁମ ନାମର ପ୍ରଚାର ପ୍ରସାର ଚଳେଇଥିଲେ ଆଉ ଠିକ୍ ସମୟରେ ତୁମ ଜନ୍ମ ପାଇଁ ମଧ ପ୍ରମୁଖ ଭୂମିକା ନିଭେଇ ନିଜକୁ ଧନ୍ୟ କରିଥିଲେ। କହିଥିଲେ ଲବକୁଶ ତୁମ ଜନ୍ମବେଳର ସେ ଅନୁପମ ଗାଥା ଯାହା ଅଯୋଧ୍ୟା ସମେତ ସମ୍ପୂର୍ଣ୍ଣ ବିଶ୍ୱକୁ ସୁଖ ଶାନ୍ତିର ଅନୁଭବ କରେଇବାରେ ସକ୍ଷମ ହୋଇ ପାରିଥିଲା। ସେହି ଅନୁପମ ବାତ୍ସଲ୍ୟ ସ୍ନେହର ଅମ୍ଳାନ ଗାଥା ସମସ୍ତେ ଶୁଣୁଥିଲେ ଯେଉଁଥିରେ ବର୍ଣ୍ଣନା କରା ଯାଇଥିଲା କିପରି ତୁମେ ନିଜର ଶିକ୍ଷା ସମାପ୍ତି ସମୟରେ ହିଁ ଅସୁର ମାନଂକ ସଂହାର କାର୍ଯ୍ୟ ଚଳେଇଥିଲ। ତୁମ ବୀରତ୍ୱର, ତୁମ ବାହାଦୂରୀର ତଥା ତୁମ ସ୍ନେହ କରୁଣାର କଥା ଶୁଣି ଅଯୋଧ୍ୟାର ପ୍ରତ୍ୟେକ ନାଗରିକ ଆହୁରି ଆହୁରି ଆନନ୍ଦିତ ହୋଇ ରାମାୟଣ ଶୁଣିବାକୁ ଆଗ୍ରହୀ ହେଲେ।

ନିଜେ ପବନପୁତ୍ର ଲବକୁଶଙ୍କ ପରିଚୟ ଜାଣିଥିବାରୁ ପ୍ରତି ପାଦେ ପାଦେ ତାଙ୍କୁ ଜଗିରହି ସାହାଯ୍ୟ କରୁଥିଲେ ଆଉ ଆବଶ୍ୟକ ହେଲେ ରକ୍ଷା ମଧ କରୁଥିଲେ। ଧିରେ ଧିରେ ରାମ କଥା ଆଗକୁ ବଢିବା ସହିତ ମାତା ସୀତାଙ୍କ ଗାଥା ମଧ ସେଥିରେ ଯୋଡ଼ି ହୋଇ ଆସିଲା। କିପରି ମିଥିଳା ନଗରୀର ଦୁର୍ଭାଗ୍ୟ ଦୂର କରି ମାତା ଜାନକୀ ନିଜ ଭଉଣୀ ମାନଙ୍କ ସହିତ ଖେଳ କୌତୁକରେ ଦିନ କାଟୁଥିଲେ ଆଉ ତା ସହିତ କିପରି ପ୍ରତ୍ୟେକ ଅସ୍ତ୍ର ଚାଳନାରେ ସିଦ୍ଧହସ୍ତ ହେବେ ସେକଥା ମଧ ଧ୍ୟାନରେ ରଖିଥିଲେ। କୋମଳାଙ୍ଗୀ ହୋଇ ମଧ ସେ ସମସ୍ତ ପ୍ରକାରେ ନିଜକୁ ମଜଭୁତ କରି ଗଢି ତୋଳିଥିଲେ। ସୀତାଙ୍କ ଭେଟ ତୁମ ସହିତ ପିଲା ଦିନେ ଥରେ ହୋଇଥିଲା। ଯେତେବେଳେ ତୁମେ ମହାରାଜ ଦଶରଥଙ୍କ ସହିତ ମିଥିଳା ବୁଲିବା ପାଇଁ ଆସିଥିଲ। ଆଉ ସେତେବେଳେ ଏକ ପୁଷ୍ପ ତୁମ ଦୁଇଜଣଙ୍କ ବାଲୁତ ପ୍ରେମର ସାକ୍ଷ୍ୟ ବହନ କରିଥିଲା। ଥିଲା ଯେପରି ଯୌବନର ଆଗମନ ସହିତ ମାତାଙ୍କ ସାକ୍ଷାତ ତୁମ ସହ ପୁଷ୍ପ ଉଦ୍ୟାନରେ ହିଁ ହୋଇଥିଲା।

ଶିବଧନୁ ଭଙ୍ଗ କରି ମାତାଙ୍କୁ ବିବାହ କରି ଯେତେବେଳେ ତୁମେ ତାଙ୍କୁ ଅଯୋଧ୍ୟା ନେଇ ଆସି ଯାଇଥିଲ ସେତେବେଳେ ତାଙ୍କର ମହାନ୍ ଗୁଣ ସବୁ ବଳରେ ସେ ସମସ୍ତଙ୍କ ପ୍ରିୟ ହୋଇ ପାରିଥିଲେ। ବିବାହ ପରର ପ୍ରଥମ ରାତ୍ରୀରେ ହିଁ ତୁମେ ମାତାଙ୍କୁ ବଚନ ଦେଇଥିଲ ଯେ ତୁମେ ଆଜୀବନ ଏକପତ୍ନୀ ବ୍ରତ ପାଳନ କରିବ। ସେମାନେ ଶୁଣେଇବା ଆରମ୍ଭ କରିଥିଲେ ସେହି ମହାନ୍ ସୀତାଙ୍କ ଅମଳୀନ ଗାଥା ଯାହା ଜଣେ ସାଧାରଣ ନାରୀଙ୍କ ପାଇଁ ଚିନ୍ତା କରିବାକୁ ମଧ କଷ୍ଟକର ହେବ। କିନ୍ତୁ...

ଲବକୁଶ ଏପରି ସୀତା ମାତାଙ୍କ ମହାନତା ବିଷୟ ଉପସ୍ଥାପନା କରିବା ଆରମ୍ଭ କରିବା ମାତ୍ରେ ଅଯୋଧ୍ୟାର କିଛି ମୁଷ୍ଟିମେୟ ବ୍ୟକ୍ତି ଭୃକୁଞ୍ଚନ କରିବାକୁ ଲାଗିଲେ। ରାମ କଥା ଶୁଣିବା ପାଇଁ ଥିବା ସେମାନଙ୍କ ଆଗ୍ରହ ସୀତା କଥା ଶୁଣେଇବାରୁ ହଠାତ୍ କୁଆଡେ ମଉଳିଗଲା। ଲବକୁଶ ଏ ନେଇ ଚିନ୍ତିତ ହୋଇ ଉଠିଲେ। ହନୁମାନ ମଧ ମନ କଷ୍ଟ କଲେ। ସବୁଠୁ ବେଶୀ କଷ୍ଟ ହେଉଥିଲା ତୁମକୁ। ରାଜା ହିସାବରେ ତୁମେ ଜାଣି ପାରୁଥିଲ ଯେ କଣ ସବୁ ଘଟି ଚାଲିଛି। ଏତେ ସୁନ୍ଦର ରାମରାଜ୍ୟ ପ୍ରତିଷ୍ଠା ହୋଇଥିବା ବେଳେ ହଠାତ୍ ଏମିତି ସଙ୍କୁଚିତ ବ୍ୟବହାର ତୁମକୁ ବ୍ୟଥିତ କରି ପକାଉଥିଲା। ଜଣେ ନଗରପ୍ରମୁଖ ଏହି ବିଭ୍ରାଟର ପୁରୋଧା ହୋଇଥିଲେ। ଯେଉଁ ଧୋବଣୀ କଥା ଶୁଣି ତାକୁ ନ୍ୟାୟ ଦେବା ପାଇଁ ମାତା ସୀତା ଆଉ ତୁମେ ଏତେ କଷ୍ଟକୁ ସହି ନେଇଥିଲ; ସେହି ଧୋବଣୀ ମଧ ତା ସ୍ୱାମୀର ଗଞ୍ଜଣା ସହି ଚାଲିଥିଲା। ନାରୀର ସଶକ୍ତିକରଣ ପାଇଁ ଲବକୁଶ ସବୁ ନାରୀଙ୍କୁ ଏକାଠି କରି ସେମାନଙ୍କ ଶକ୍ତି ପରୀକ୍ଷଣ ପାଇଁ ଆହ୍ୱାନ ଦେଲେ। ଶେଷରେ ନିଷ୍ପତ୍ତି ହେଲା ଯେ ଯଦି ନାରୀମାନେ ପୁରୁଷଙ୍କୁ କିଛି ପ୍ରତିଯୋଗିତାରେ ହରେଇ ଦେବେ ତା ହେଲେ ରାମାୟଣର ବାକି ପାରାୟଣ ସମସ୍ତେ ଶୁଣିବେ।

ସୀତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଉଥିବା ପ୍ରତ୍ୟେକ ନାରୀ ନିଜର ସମ୍ପୂର୍ଣ୍ଣ ଧ୍ୟାନ ଲଗେଇ ଦେଇ ପ୍ରତିଯୋଗିତାରେ ଜୟ ଲାଭ କଲେ ଏବଂ ଅଯୋଧ୍ୟାବାସୀ ପୁଣି ଥରେ ରାମାୟଣ ଶୁଣିବାକୁ ଆଗ୍ରହୀ ହେଲେ। ଏଥର ସେମାନେ ଶୁଣିଲେ ସେହି ଦୁଃଖଦ ଯାତ୍ରାର କଥା ଯେଉଁ ଯାତ୍ରା ସେହିଦିନ ଆରମ୍ଭ ହୋଇଥିଲା ଯେତେବେଳେ କୈକେୟୀ ଦଶରଥଙ୍କ ଠାରୁ ମାଗି ନେଇଥିଲେ ସେହି ଦୁଇଟି ଅପ୍ରତ୍ୟାଶିତ ବର...ଯେଉଁଥିରେ ଭରତ ରାଜା ହୋଇଥାନ୍ତେ ଆଉ ତୁମେ ହୋଇଥାନ୍ତ ବନବାସୀ...!!

ନିଜ ମାତାଙ୍କ ଚରିତ୍ର ବିଷୟରେ ଜନ ସାଧାରଣଙ୍କୁ ସତ୍ୟତା ଜଣେଇ ଦେବାକୁ ପଣ କରି ଆସିଥିବା ଲବକୁଶ ସେହି ସବୁ ସତ୍ୟ ଉପସ୍ଥାପନା କରିବାକୁ ଲାଗିଲେ ଯାହା ହୁଏତ ଇତିହାସର ପରଦା ପଛରେ ଲୁଚି ଯାଇଥିଲା।

ଜୀବନରେ କେବେ ମଧ କଷ୍ଟର ସାମ୍ନା କରି ନଥିବା ମାତା ସୀତା ଯେତେବେଳେ ଜାଣିବାକୁ ପାଇଲେ ତାଙ୍କ ସ୍ୱାମୀ ନିଜ ପିତାଙ୍କ ବଚନରେ ବାନ୍ଧି ହୋଇଯାଇ ରାଜସୁଖ ତ୍ୟାଗ କରି ବନଯାତ୍ରା ପାଇଁ ବାହାରିଛନ୍ତି... ସେତେବେଳେ ସେ କାହାରିକୁ କିଛି ପ୍ରଶ୍ନ ନକରି ନିଜେ ସଙ୍ଗେ ସଙ୍ଗେ ନିଜ ସହଧର୍ମିଣୀ ଧର୍ମ ନିର୍ବାହ କରିବା ପାଇଁ ନିଷ୍ପତ୍ତି ନେଇଗଲେ। ମନର ଦୃଢ଼ ବିଶ୍ୱାସ ଆଗରେ ସବୁ ବାଧା ବିଘ୍ନ ହାର ମାନିବାକୁ ବାଧ୍ୟ ହୋଇଯାଏ। ନବବଧୂ ସୀତାଙ୍କୁ ଏପରି ବଣକୁ ପଠେଇବାକୁ କାହା ମନ ମାନନ୍ତା ଭଲା...!!?? କୌଶଲ୍ୟା ଦେବୀ ତ କହି ଉଠିଲେ ଯେ ରାମ ବିନା ସେ ଯଦି ବଂଚି ପାରିବେ ତେବେ କେବଳ ସୀତା ମୁଖ ଚାହିଁ। କିନ୍ତୁ ଧନ୍ୟ ଥିଲା ମାତାଙ୍କର ଦୃଢ଼ ସଂକଳ୍ପ... ଏବଂ ଯଥେଷ୍ଟ ସଦୃଶ ମଜଭୁତ ଥିଲା ତାଙ୍କର ଆଦର୍ଶର ପରିଭାଷା। ଯାହା ଫଳରେ ସେ ସମସ୍ତଙ୍କୁ ନିଜ କଥାରେ ଖୁସିରେ ରାଜି କରେଇ ପାରିଥିଲେ। ଶେଷରେ ସମସ୍ତେ ହୃଦୟଙ୍ଗମ କରିଥିଲେ ଯେ ସୀତାଙ୍କ ବିନା ରାମ ବନବାସ ଯାଇ ପାରିବେନି।

ପଥର କଣ୍ଟକିତ ଦୁର୍ବିସହ ରାସ୍ତା ଥିଲା ପାଦତଳେ... ଖୋଲା ଅସୁରକ୍ଷିତ ଆକାଶ ଥିଲା ମୁଣ୍ଡ ଉପରେ... କିନ୍ତୁ ସୀତାରାମଙ୍କର ଆପୋଷ ବୁଝାମଣା ବନବାସକୁ ମଧ ଏକ ସୁଖଦ ସ୍ମୃତିରେ ପରିଣତ କରିବାରେ ସକ୍ଷମ ହୋଇ ପାରିଲା। କୁଟୀର ମଧରେ ସ୍ୱର୍ଗର ପ୍ରତିଷ୍ଠା ହେଲା। ବଣ ଜଙ୍ଗଲ ପାହାଡ ନଦୀ ସବୁଠାରେ ଏକ ଅଦ୍ଭୁତ ଶାନ୍ତି ଏବଂ ସନ୍ତୁଷ୍ଟି ଭରି ଯାଇଥିଲା। ସୀତାଙ୍କ ଗଭାରେ ଫୁଲ ସଜେଇବା ବନବାସ ବ୍ରତକୁ ଖଣ୍ଡନ କରିଥାନ୍ତା କିନ୍ତୁ ସୀତାଙ୍କ ପୂଜା ପାଇଁ ଦୈନିକ ଫୁଲ ସଂଗ୍ରହ କରିବା ଏହି ବନବାସକୁ ଆହୁରି ମହିମାମୟ କରି ଦେଉଥିଲା। ତୁମ ଶାଶ୍ୱତ ପ୍ରେମ ଛଡା ଆଉ କିଛି ଦରକାର ନଥିଲା ମାତାଙ୍କର। ସେଇଥିପାଇଁ ସେ ପରିପୂର୍ଣ୍ଣା ହୋଇ ରହୁଥିଲେ ନିଜ ଅନ୍ତର୍ମନରେ। କୌଣସି ଦୁଃଖ ତାଙ୍କୁ ସ୍ପର୍ଶ କରି ପାରୁ ନଥିଲା। ଦଣ୍ଡକାରଣ୍ୟ ହେଉ କି ପଞ୍ଚବଟୀ ସବୁ ସ୍ଥାନ ତାଙ୍କ ପାଇଁ ସୁରମ୍ୟ ଉଦ୍ୟାନ ହୋଇ ଯାଇଥିଲା। ଆଉ କେବଳ ମାତାଙ୍କ ଆଦର ସୋହାଗ ପାଇବା ଯୋଗୁଁ ବନବାସର ଏହି ଦୁର୍ବାର ଯାତ୍ରା ତୁମ ପାଇଁ ମଧ ପ୍ରୀତିମୟ ହୋଇ ଯାଇଥିଲା।



ସେହି ଶାନ୍ତି ଭଙ୍ଗ ହୋଇଥିଲା ସୂର୍ପଣଖାର ଆଗମନ ସହିତ। ଆଉ ମାତାଙ୍କ ପରି ଅପରୂପା ସୌନ୍ଦର୍ଯ୍ୟମୟୀ ଜୀବନ ସଙ୍ଗିନୀ ସହିତ ଆନନ୍ଦରେ ରହିଥିବା ସୁନ୍ଦର ପୁରୁଷଙ୍କୁ ପାଇବାର ଆକର୍ଷଣ ଶେଷରେ ବୀର ଲକ୍ଷ୍ମଣଙ୍କ ପାଖରେ ସମାପ୍ତ ହୋଇଥିଲା। ଆଉ ସେଇଠୁ ସୃଷ୍ଟି ହୋଇଥିଲା ପ୍ରତିଶୋଧ ଛଳନାର ଘୃଣ୍ୟ ଖେଳ। ରଚା ଯାଇଥିଲା ଏକ ଏପରି କୁଟିଳ ଜାଲ ଯେଉଁଥିରେ ସମସ୍ତେ ଛନ୍ଦି ହୋଇ ଯାଇଥିଲେ।

(କ୍ରମଶଃ)

♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭

---

ଗୋଟେ କବିତା ବହିର ଆଲୋଚନା

# ଛବିଶଟି ବହିର ପ୍ରଚ୍ଛଦକୁ ନେଇ କବି ପ୍ରଶାନ୍ତ ଦାସଙ୍କର ଅନନ୍ୟ ପରିକଳ୍ପନା "ପ୍ରଚ୍ଛଦ କବିତା"



## ସୈରିନ୍ଧ୍ରୀ ସାହୁ

କବିତା ଚିରକାଳ ଗୋଟିଏ ବିନ୍ଦୁରୁ ଆରମ୍ଭ ହୋଇ ତିଆରି କରେ ସିନ୍ଧୁ । ନିର୍ଧାର୍ଯ୍ୟ କରେ ନିଜର ସୀମାରେଖା । ବ୍ୟାପିଯାଏ ମାଟିରୁ ଆକାଶ ଯାଏ । ଛୁଇଁପାରେ ଛାତି, ଛୁଇଁପାରେ ମନ ଓ ଛୁଇଁପାରେ ହୃଦୟ । ସଜଳ ସ୍ୱପ୍ନର ଖୋଳପା ଖୋଲି ବୁଣି ଦେଇପାରେ ମୁକ୍ତା । ଆବେଗ ବିଭୋର କରେ, ବିହ୍ୱଳ କରେ । କବିତା ଲୋଡ଼ିଥାଏ ଗୋଟିଏ ମାତ୍ର ଶବ୍ଦ, ଗୋଟିଏ ମାତ୍ର ଭାବ ଏବଂ ଗୋଟିଏ ମାତ୍ର ଧାରା । ଯେତେବେଳେ ଝରଣା ପରି ଝରି ଗହ୍ୱର ଚିରି ଫିଟିପଡ଼େ, ସେତେବେଳେ ମାନେ ନାହିଁ ବାଟ ଅବାଟ, ଖୋଜେ ନାହିଁ ଆବାହନ କି ଲୋଡ଼େ ନାହିଁ କାହାର ସାହାରା। ଆସେ, ଆସିବାକୁ ଥାଏ ବୋଲି, ନେବାକୁ କବିର ପ୍ରେମମୟ ଆଲିଙ୍ଗନ ।

'କବିତା ଜୟ କରିପାରେ କବିକୁ । କବି କିନ୍ତୁ ନୁହେଁ । ସେ କାଳଜୟୀ ଆତ୍ମାର ଶାଶ୍ୱତ ବିବେକର ଅଧିକାରୀ । ଜୀବନର ଚଲାବାଟରେ ବେଳେବେଳେ ତାର ଦୁର୍ଭାଗ୍ୟ ବି ସୌଭାଗ୍ୟର ସୂଚନା ଦିଏ । ଅସଜଡ଼ା ଶବ୍ଦ ଓ ଅକ୍ଷର ଭିତରେ ନିଜ ହୃଦୟକୁ ସଜାଡ଼ି କବିତାର ଜୟଜୟକାର କରେ । ସେ ଶୂନ୍ୟ ରମଣ କରୁ କରୁ ଝୁଣ୍ଟି ରକ୍ତାକ୍ତ ହୁଏ । କେବେ କେବେ ଗୋଲାପ ବଣରେ ବାଟ ଭୁଲି ଭଅଁରର ଦଂଶନ ଖାଏ । ସବୁ ସନ୍ଦେହ ଓ ସଂଶୟର ଅବସାନ ଘଟାଇ ପ୍ରଚ୍ଛଦର କାରୁକାର୍ଯ୍ୟ ଭିତରେ କବିତାକୁ ଦେଖି ପ୍ରେମ କରେ ଓ ସେ ପ୍ରେମ, କବିତା ହୋଇ ପ୍ରଶାନ୍ତ ଦାସଙ୍କ ଆଗେ ଠିଆ ହୁଏ ।'

ଏକଥା ମୋର ନୁହେଁ, ପ୍ରଚ୍ଛଦ କବିତାର ସ୍ରଷ୍ଟା ପ୍ରଶାନ୍ତ ଦାସ 'ମୋ କଥା- କବିର କଥା' ଶୀର୍ଷକରେ ଲେଖିଛନ୍ତି ବହିର ଆରମ୍ଭରେ। ଏକ ନୂଆ ପ୍ରକାର ପରିକଳ୍ପନାର ସ୍ୱୟଂସିଦ୍ଧ ରୂପକାର ଭାବେ କବି ପ୍ରଶାନ୍ତ ଦାସ 'ପ୍ରଚ୍ଛଦ କବିତା' ପୁସ୍ତକର ସ୍ରଷ୍ଟା ଭାବେ ତିଆରି କରିଛନ୍ତି ଏକ ଅନନ୍ୟ ଉଦାହରଣ । କବିଟିଏ ବାସ୍ତବ ଜୀବନର ଚିତ୍ର ନହେଲେ କଳ୍ପନାର ରଂଗ ଦେଇ କବିତା ଲେଖିବାରେ ମଗ୍ନଥିବା ବେଳେ କବି ପ୍ରଶାନ୍ତ ଦାସଙ୍କର ଅଭିନବ ପ୍ରୟାସ ସ୍ୱତନ୍ତ୍ର ନିଶ୍ଚୟ ।

ବହିର ମୁଖବନ୍ଧରେ ଗଂଗାଧର ବିଶ୍ୱାଳ 'ମୋ କଥା- ତିନିପଦ କଥା' ଶୀର୍ଷକରେ ଲେଖିଛନ୍ତି- ପ୍ରଶାନ୍ତ ବାବୁ ପ୍ରସ୍ତାବ ଦେଲେ, ପୁଣି ସବିଶେଷ ବର୍ଣ୍ଣନା ବି କଲେ । ଯାହାସବୁ ପ୍ରସ୍ତାବ ଓ ବର୍ଣ୍ଣନା ଅନୁଯାୟୀ ସିଦ୍ଧାନ୍ତ ଗ୍ରହଣ କରାଗଲା, ତାହା ଏଇ ପରି: ଧରାଯାଉ କବୟିତ୍ରୀ ଦୀପ୍ତି ଦାସଙ୍କର ଏକ କବିତା ବହି। ଯାହାର ନାମ 'କହିଲି ବୋଲି', ସେ ବହିଟିକୁ ନିଆଯିବ । ଉଦ୍ଦେଶ୍ୟ ହେଲା ବହିର ଶିରୋନାମାକୁ କବିତାର ଶିରୋନାମ କରି ପ୍ରଶାନ୍ତ ବାବୁ ଏକ କବିତା ରଚନା କରିବେ । କବିତାଟି ହେବ ସଂପୂର୍ଣ୍ଣ ମୌଳିକ । ଯାହା, ପ୍ରଶାନ୍ତ ଦାସଙ୍କର ।

ସେଇଆ ହେଲା, ଆମ ସମୟର ୨୬ଜଣ ପ୍ରତିନିଧି ସ୍ଥାନୀୟ କବି ଲେଖକଙ୍କୁ ଏଥିରେ ସାମିଲ କଲେ ପ୍ରଶାନ୍ତ ଦାସ । ସେମାନଙ୍କର ଗୋଟିଏ ଗୋଟିଏ ପୁସ୍ତକର ନାମକୁ ନେଇ ଲେଖିଥିଲେ କବିତା । କବିତା ଗୁଡ଼ିକୁ ବେଶ୍ ସୁନ୍ଦର ଭାବରେ କବିଙ୍କ ଫଟୋଚିତ୍ର, ସଂପର୍କ, ପରିଚିତି, ପୁରସ୍କାର, ସମ୍ମାନ ସହ କବିଙ୍କ କବିତାର ଗୋଟିଏ ପଙ୍କ୍ତି ସହ ସେହି ବହିର ପ୍ରଚ୍ଛଦ ଓ ନାମକୁ ନେଇ ତିଆରି କଲେ 'ପ୍ରଚ୍ଛଦ କବିତା'ର ଗୋଟେ ଗୁଚ୍ଛ ।

ଏଇ ପରି ସେଇ କବିତା ଫୁଲର ପାଖୁଡ଼ା:

"ଭିଜା ଭିଜା ଅଭିସାରରେ ବତୁରି
ରାତିର କଣ୍ଠରୁ ଶୁଭେ ଗଜଲ
ଅସରନ୍ତି ଶିହରଣ ଓ ରୋମାଂଚ ନେଇ
ଅଳସ ଆକର୍ଷଣ ପିଠିରେ ମୁକୁଳେ
ରଜନୀ ଗଂଧାର କଢ଼ ।"
(କହିଲ ବୋଲି)

\+ + + +

"କଳ୍ପନାର କୋମଳ ଶେଯରେ/ ଅନେକ ସ୍ୱପ୍ନ
ଅନେକ ସମ୍ଭାବନା/ ଅନେକ ପ୍ରବଣତା
ଗଂଗାଧର ଉଡ଼ିଯାଏ/ ପୂର୍ଣ୍ଣିମାର ଗାଁ ଆଡେ.."
(ମାନିର ରଫ୍ ଖାତାରେ ପୂର୍ଣ୍ଣମାର ଗାଁ ଓ ଅନ୍ୟାନ୍ୟ କବିତା)

\+ + + +

"ଅସୀମତାର ପ୍ରତୀକ ହୋଇ
ଭରି ଦେଇଛ ଅସୁମାରୀ ଶିହରଣ ଓ ସ୍ପନ୍ଦନ ।
ତୁମ ପାଇଁ ବି ନିଅଣ୍ଟ ହୁଏ
ପୁଳାପୁଳା ଅକ୍ଷର ଶବ୍ଦ / ତୁମେ ପାଲଟି ଯାଅ
ଅକୁହା ଆକର୍ଷଣର ଅଦ୍ଭୁତ ଖେଳ
କେବେ ଶବ୍ଦ ତ କେବେ ନିଶବ୍ଦ ।"
(ଶ୍ୟାମଳୀ ଦାସ)

\+ + + +

"ହିଡ଼ ଉପରେ / କପାଳ ଭର୍ତ୍ତି ଝାଳରେ
ବତୁରି ଥିବା ଚାଷୀର / ଭୋକ ସବୁ
କ୍ଷେତରେ ଫାଟିଥିବା ମାଟିର ଆଁରେ ।"
(ଚାଷବାସ)

\+ + + +

"ଅବାଞ୍ଛିତ ଶୋଷଣ କଷଣ
ବେଦନାରେ ଝାଳାଏ ତା ଦେହ
ଦୁଃଖର ନିଆଁ ଧାସେ ଅଂଗାର ହୁଏ ମୁହଁ ।"
(ଟଙ୍କିକିଆ ମଣିଷ)

\+ + + +

"ବୋଉ/ ଭଂଗା ମାଟିକାନ୍ଥକୁ ଚାହିଁ
କହୁଥିଲା ଗାଁରେ/
ଇଟାକାନ୍ଥର ଘରଟିଏ କରିବି ।
ବୋଉର ସ୍ୱପ୍ନ ସ୍ୱପ୍ନରେ ରହିଲା
ଶେଷରେ ଘର ହେଲା ତାର ସମାଧି ।"
(ମାଟିକାନ୍ଥ)

\+ + + +

"ମୋ ଭିତରେ /ଗାଢ଼ ନିଦ୍ରାରେ ଶୋଇଥିବା
ଜଡ଼ତାକୁ ଦୂରେଇ
ଭିନ୍ନ ଏକ ଜୀବନର ସଂଧାନ ଦେଲା
ମୁଁ ଆଉ କିଛି ଚାହିଁଲିନି କି ଖୋଜିଲିନି
ଦେଖିଲି, ମୋ ଭିତରେ ମାଟି ଓ
ମାଟି ଭିତରେ ମୁଁ ।"
(କେଉଁଠି ଖୋଜିବି ତାକୁ)

\+ + + +

"ବୈଶାଖ ଝଡ଼ରେ
ଭଂଗାଡାଳରେ ପତ୍ର କଅଁଳିଲେ
ପୂରେନି ଗଛର ଭୋକ
ପୁଅ ପକ୍ଷୀ ପରି ଆକାଶେ ଉଡ଼ିଲେ ବି
ପୁଅ ପାଇଁ ଦୂରେଇ ଯାଏନି /
ବାପା ମନର ଦୁଃଖ ।" (ବାପା)

\+ + + +

"ମୁଠାଏ ଖୁଦ ଭଜାରେ
ପୂରିଯାଏ ପେଟ
ଅଭିମାନର ଦୁଇଟୋପା ଲୁହରେ
ବତୁରି ଯାଏ/ ଆଖିଆଗ ପୃଥିବୀ ।" (ସଖା)

\+ + + +

"ମେଷ ପାଳକ/ ଖୋଲା ଆକାଶକୁ ଚାହିଁ
କ୍ଷେତ ମଝିରେ ଗୀତ ଗାଏ ।
ଗୀତ ତାର ଶୁଣେ
ଆକାଶ, କ୍ଷେତ ଓ ଦିଗନ୍ତ ।"
(ମେଷ ପାଳକର ଗୀତ)

\+ + + +

"କଅଁଳୁଥିବା ପତ୍ର
ସୂର୍ଯ୍ୟାଲୋକର ଗଂଧ ବାରି
ହୁଏ ଆକାଶ ମୁହାଁ
ତାଳପତ୍ର ମେଲି ଫଳାଇବ ଫଳ/ ଦେବ ଛାଇ
ମେଣ୍ଟିବ ଶୋଷ ଓ ସ୍ୱପ୍ନ ବିଭୋର ହେବ
ଗଛ ଲଗାଇ ଥିବା ମଣିଷ ।" (ବିଶ୍ୱାସର ଭୂମି)

\+ + + +

"ମନକୁ ବଂଧିବା ସହଜ ନୁହେଁ
ବଦଳେ କ୍ଷଣକୁ କ୍ଷଣ ।
ସ୍ୱପ୍ନ ସହ ସନ୍ଧି କରି
ନୂଆ ନୂଆ କଳ୍ପନା ଓ
ସମ୍ଭାବନାର କାହାଣୀ ଲେଖେ ।" (ମନ)

\+ + + +

"ଗୋଟିଏ ମୁହୂର୍ତ୍ତରେ/ ତୁମେ ଅଜାଡି ଦିଅ
ମୁଠା ମୁଠା ପ୍ରେମ, ସ୍ୱପ୍ନର ସମ୍ଭାର ।
ମୁଁ ଆତ୍ମହରା ହୁଏ
ବର୍ଣ୍ଣମୟ ହୋଇଯାଏ ମନ ଓ ହୃଦୟ ।"
(ପ୍ରିୟମ୍ବଦା)

\+ + + +

"ମୁଁ ଜାଣେ
ପ୍ରେମ ଓ ସ୍ମୃତିର ମୃତ୍ୟୁ ନାହିଁ ।
ଶୂନ୍ୟତାରେ ବିଛେଇ ପଡ଼ିଥାଏ
ତା ଛାଇ ଓ ସ୍ୱର ।"
(ମୁଁ ଦିନେ ଫେରିବି ନିଶ୍ଚୟ)

\+ + + +

"ତୁମେ ସୃଷ୍ଟିର
ଶକ୍ତ ସମ୍ପର୍କ ଶିକୁଳିରେ ବଂଧା
ବିଚରଣ କର/ ମାଟିଠୁ ଆକାଶ ।
ବିଶ୍ୱ ଜଡ଼ ଜୀବନରେ
ପ୍ରାଣଭରି ତୁମେ/ ଭିଜାଇ ଦିଅ ଅନନ୍ତ ବ୍ରହ୍ମାଣ୍ଡ ।"
(ଶବ୍ଦ ସଂଗମ)

\+ + + +

"ମଣିଷ ମନ ପାଇଁ
ଆଣ୍ଟିବାୟୋଟିକ ଥିଲେ
ସୁନ୍ଦର ହୁଅନ୍ତା ଜୀବନ
ସତେଜ ରହନ୍ତା ମନ ।" (ଆଣ୍ଟିବାୟୋଟିକ)

\+ + + +

"ଅଧାଛାଇ ଅଧା ଆଲୁଅରେ
ରଂଗ ବୋଳା ସମୟମାନ
ପରକରି ପାରନ୍ତିନି
ରାତିକୁ ଦିନକୁ/ ଅଂଧାରକୁ ଆଲୁଅକୁ ।"
(ଚିତ୍ରରାତି)

\+ + + +

"ଭଂଗାମନ ଓ ଭଂଗା ଦର୍ପଣର କାନ୍‌ଭାସରେ
ଇନ୍ଦ୍ରଧନୁର ରଂଗବୋଳି
ଫୁଟାଇପାରେ ପେନ୍ଥା ପେନ୍ଥା ରକ୍ତିମ ପଳାଶ ।"
(ଦର୍ପଣ ଆଗରେ)

\+ + + +

"ଶବ୍ଦମୟ ହେଉ ପୃଥିବୀ
ପ୍ରାଣରେ ସଂଚରୁ ଉଷ୍ମ ନୀରବତା
ସୃଜନ ଭୂଇଁରେ
ପବନରେ ଖେଳୁଥିବା ବଂଶୀସ୍ୱନ ବଖାଣୁ
ଘୁଙ୍ଗୁରର ଆତ୍ମକଥା ।" (ମାଟି ଘୁଙ୍ଗୁର)

\+ + + +

ଜଗତର ନବୀନ ସ୍ପନ୍ଦନରେ
ଅନୁରଣିତ ହେଲା / ପ୍ରାଣମୟ ସଂଗୀତ ।
ନିଃଶବ୍ଦ ସକାଳର ନୀରବତା ଭାଂଗି
ଜଡ଼ ଜୀବନକୁ କୋଳେଇ ନେଲା
ଜିଇବା ବିଶ୍ୱାସ ।" (ନିଃଶବ୍ଦ ସକାଳ)

\+ + + +

"ଏମିତି ମଣିଷ କିଏ ଅଛି ଯେ
ମୋହ ମୁକ୍ତିର ଚିତ୍ର ଆଙ୍କି
ରଂଗ ବୋଳିଛି
ନିଜ ସୁଖ ସ୍ୱପ୍ନର ସ୍ୱାଦକୁ ପଛ କରି
ଅହେତୁକ ମୋହ ପାଶୋରି
ଜୀବନ ସଂଗୀତ ଶୁଣିଛି !" (ମୋହ)

\+ + + +

"ପାଦକୁ ଶକ୍ତ କରି/ ମହୀଖୁଣ୍ଟ କରି ଦେଲେ
ତାର ଛାଇରେ
ଜୀବନ ଧକ୍କା ଖାଇ/ ଫେରି ଆସି ଲେଖିପାରେ
ଅଧାଛାଇ ଅଧା ଆଲୁଅର ଗପ
ଶୁଣିପାରେ/ ଅନ୍ତରଂଗ ସୁଖର ଆଳାପ ।"
(ମହୀଖୁଣ୍ଟର ଛାଇ)




\+ + + +

"ଏକ ପ୍ରଗାଢ଼ ବିଶ୍ୱାସ/
ସରଳ ଆତ୍ମୀୟତାରେ ମୁଁ ଅପେକ୍ଷିଛି
ଶକ୍ତ ଭାବେ ବାନ୍ଧିଛି ସମ୍ପର୍କର ଡୋରି
ମୁଠା ମୁଠା ସ୍ୱପ୍ନର ସମ୍ଭାର ସାଇତିଛି ।"
(ତଥାପି ଆସିବ ଫେରି)

\+ + + +

"ବେଳେବେଳେ ତକିଆ ଖୁବ୍ ନିଜର ଲାଗେ
ମୁହଁଚାପି କାନ୍ଦିହୁଏ
ଛାତିରେ ଜାକିଧରି
ଅଜାଡ଼ି ହୁଏ ଦୁଃଖ ଓ ସୁଖ ।" (ତକିଆ)

\+ + + +

"ଅନୁରାଗ ଅନୁଶୋଚନା
ମୁକୁଳା ଆବେଗ ପଣରେ
କଥା କଥା ହୋଇ ରହେ
କିଛି କଥା କହିହୁଏ ଓ /
କିଛି କଥା ବାକି ରହେ ।"
(କିଛି କଥା କହିହୁଏ ଆଉ କିଛି ବାକି ରହେ)

\+ + + +

"ମୋ ଦରଦୀ ଆଖିତଳେ
ଲୁହର ନଅର ତୋଳେ
ଅମାନିଆ ଟୋପା ଟୋପା ଲୁହ
ସେ ଲୁହରେ ଜଳୁଥାଏ/ ଯନ୍ତ୍ରଣାର ଜଉଘରେ
ଅଠେଇଶି ବର୍ଷ ତଳେ/ ହଜିଥିବା ଝିଅ ।"
(ଜରି ଗୋଟେଇବା ଝିଅ)

ସବୁ କବିତାରେ ମିଶିଛି କବିଙ୍କର ହୃଦୟ ତଳର ସମ୍ବେଦନା, ଆବେଗ ଓ ଅନୁରାଗ । ସବୁ କବିତାରେ ଧାଡ଼ି ଧାଡ଼ି ଶବ୍ଦଫୁଲ । ଅଭିବ୍ୟକ୍ତିରେ ସ୍ୱତଃସ୍ଫୂର୍ତ୍ତତା ଚମତ୍କାର ଭାବେ କଦମ୍ବ ଫୁଲପରି ଫୁଟି ଉଠିଛି। ସତେ ଯେମିତି ଚଇତି ପବନଟିଏ ଛୁଇଁ ଯାଉଛି ପାଠକର ହୃଦୟ ।

'ଖଣ୍ଡିଏ ଭଲବହି ମଣିଷ ଜୀବନର ଗତିପଥକୁ ବଦଳାଇ ଦେଇପାରେ । ଗଭୀର ସମୁଦ୍ରରେ ଥଳକୂଳ ପାଉନଥିବା ନାବିକଟିଏ ପାଇଁ ବତିଘର ସଦୃଶ କାମ କରିପାରେ । ସେହିଭଳି ଏକ ପୁସ୍ତକ ହେଉଛି 'ପ୍ରଚ୍ଛଦ କବିତା' । ଓଡ଼ିଆ ସାହିତ୍ୟରେ ଏହି ପୁସ୍ତକ ନିଶ୍ଚିତ ଭାବେ ଏକ ନୂଆ ଇତିହାସ ସୃଷ୍ଟି କରିବ। ଓଡ଼ିଶାର ୨୬ଜଣ ପ୍ରତିଷ୍ଠିତ ଓ ପ୍ରତିଶ୍ରୁତିବଦ୍ଧ କବି ଲେଖକଙ୍କ ନିର୍ବାଚିତ ପୁସ୍ତକର ପ୍ରଚ୍ଛଦକୁ ନେଇ ଏଥିରେ ଯେଉଁ 'କବିତା'ର ପରିକଳ୍ପନା ସୃଷ୍ଟି କରାଯାଉଛି, ତାହା ନିଶ୍ଚିତ ଭାବେ ଏକ ଅନନ୍ୟ ସୃଷ୍ଟି ହେବ ଏଥିରେ ଦ୍ୱିମତ ନାହିଁ' ବୋଲି 'ମୋ କଥା; ପାଠକର କଥା' ଶୀର୍ଷକରେ କଥା ରଖିଛନ୍ତି ଶଶିରଂଜନ ମଲ୍ଲିକ।

ଟୁପୁର କ୍ରିଏସନ ଦ୍ୱାରା ପ୍ରକାଶିତ ୧୭୨ ପୃଷ୍ଠାର ଏହି ପୁସ୍ତକଟି ଅବଶ୍ୟ ସଂଗ୍ରହଣୀୟ ।

♥ ଜେଲରୋଡ, ବାଲେଶ୍ୱର-୧

---



# ବୈକୁଣ୍ଠ ସମାନ ଘର ଓ ପାରିବାରିକ ହିଂସା

## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା

ପରିବାର ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଶୃଙ୍ଖଳା ଓ ସୁରକ୍ଷା। ଯେଉଁଠି ସମସ୍ତେ ନିରନ୍ତର ପରସ୍ପର ସ୍ନେହ ଓ ମମତାର ରଜ୍ଜୁରେ ବାନ୍ଧିହୋଇ ସୁରକ୍ଷିତ ରହିଥାନ୍ତି। ମନୁଷ୍ୟ ଜୀବନର ସୁଖ ଓ ଶାନ୍ତିର ଏକ ସଫଳ ମାଧ୍ୟମ ରୂପେ ପରିବାରର ଭୂମିକା ବହୁତ ଯୁଗରୁ ସ୍ୱୀକୃତ ହୋଇଥିଲେ ମଧ ବର୍ତ୍ତମାନ ଏହି ପ୍ରତ୍ୟାସାରେ ଏକ ବିରାଟ ବାଧା ସୃଷ୍ଟି ହୋଇଛି। ବାହ୍ୟ ଜଗତରେ ରାସ୍ତା ପାର୍ଶ୍ୱର ହିଂସା ଆମର ସାମଗ୍ରିକ ଜୀବନକୁ ଅଶାନ୍ତ କରିବା ସହିତ ପାରିବାରିକ ହିଂସା ମଧ ଉଦବେଗର କାରଣ ହୋଇଛି। ଦିନକୁ ଦିନ ଘରୋଇ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଯାହାକୁ ନେଇ ସମାଜର ସବୁ ମହଲରୁ ଚିନ୍ତା ପ୍ରକଟ ହେଉଛି। ମହିଳା ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇଛି। 'ଦି ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୩୨% ବିବାହିତ ମହିଳା (୧୮ରୁ ୪୯ ବର୍ଷ ବୟସର) ନିଜ ଜୀବନକାଳ ମଧରେ ଅନ୍ତତଃ ଥରେ ସ୍ୱାମୀଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥାନ୍ତି। ୨୯% ମହିଳାଙ୍କ ସ୍ୱାମୀ ସେମାନଙ୍କ ଉପରେ ଶାରୀରିକ ଓ ଯୌନ ହିଂସାର ପ୍ରୟୋଗ କରିଥାନ୍ତି। ପ୍ରାୟ ୨୫% ବିବାହିତ ମହିଳା ଆଖିରେ ଆଘାତ, ହାତ-ଗୋଡ଼ ମକଚି ହେବା, ସେ ସବୁର ହାଡ଼ ଖସିଯିବା କିମ୍ବା ଭାଙ୍ଗି ଯିବା ତଥା ଦାନ୍ତ ଭାଙ୍ଗିଯିବା ଭଳି ହିଂସାର ଶିକାର ହେବା ନେଇ ରିପୋର୍ଟ କରିଥାନ୍ତି। ଦେଶର ୧୨.୫% ଅବିବାହିତା ମହିଳା ମଧ ଘରୋଇ ଶିକାର ହୋଇଥାନ୍ତି। 'ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋର ୨୦୨୨ର ପରିସଂଖ୍ୟାନ ଅନୁଯାୟୀ୧,୪୦,୦୧୯ ମହିଳା ସେମାନଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଦ୍ୱାରା ଘରୋଇ ହିଂସା ଶିକାର ହୋଇଥିଲେ। ରାଜ୍ୟ ଗୁଡ଼ିକ ଦୃଷ୍ଟିରୁ ବିଚାର କଲେ କର୍ଣ୍ଣାଟକ, ବିହାର, ମଣିପୁର, ତେଲେଙ୍ଗାନ ଓ ତାମିଲନାଡୁ ଆଦି ରାଜ୍ୟରେ ସର୍ବାଧିକ ଘରୋଇ ହିଂସା ସମ୍ପର୍କିତ ଘଟଣା ଘଟିଥାଏ। ଘରୋଇ ହିଂସା ସମୁଦାୟ ଲିଙ୍ଗଗତ ହିଂସାର ପ୍ରାୟ ୪୦%। କିନ୍ତୁ ରିପୋର୍ଟ କରାଯାଏ ମାତ୍ର ୮% କିମ୍ବା ତା ଠାରୁ କମ ସଂଖ୍ୟକ ମାମଲା।

ଭକ୍ତକବି ମଧୁସୂଦନ ରାଓ ଭାଷାରେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁଥାଏ ନିରନ୍ତର।' ଆମ ସଂସ୍କୃତିରେ ପରିବାରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସନ୍ତାନର ପାଳନ ପୋଷଣ ଠାରୁ ଆରମ୍ଭ କରି ବୟସ୍କଙ୍କୁ ସ୍ନେହ ଆଦର, ସେବାଯତ୍ନ ଯୋଗାଇଦେବା ଓ ଭାଇ ଭଉଣୀ ତଥା ଭାଇ ଭାଇ ଭିତରେ ପାରସ୍ପରିକ ସହାନୁଭୂତି ଓ ସହଯୋଗ ପର୍ଯ୍ୟନ୍ତ ସବୁକିଛି ପରିବାର ଗଠନର ମୂଳ ଭିତ୍ତିବୋଲି କୁହାଯିବ। ଶିଶୁର ଲାଳନପାଳନରେ ବାପା-ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ବି ପରିବାରର ଅନ୍ୟାନ୍ୟ ସଦସ୍ୟଯଥା ଜେଜେ, ଜେଜେ ମାଆ ଓ ଅନ୍ୟମାନଙ୍କ ଭୂମିକା ବି କିଛି କମ ନୁହେଁ। ସେଥିପାଇଁ ଆଗକାଳରେ ଯୌଥ ପରିବାରର ବଡ଼ ଭୂମିକା ଥିଲା। ସଂପର୍କର ବିଭିନ୍ନ ଭାଗମାପ ବଜାୟ ରହିଥଲା। ସାନମାନେ ବଡ଼ ମାନଙ୍କୁ ଆଦର ସମ୍ମାନ କରୁଥିବାବେଳେ ବଡ଼ମାନେ ସ୍ନେହ ଓ ଅନୁଶାସନରେ ସାନ ମାନଙ୍କ ଚରିତ୍ର ଗଠନ କରୁଥିଲେ। ଉଦାରତା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଦ୍ୱାରା ବୃହତ ପରିବାର ଗୁଡ଼ିକ ତିଷ୍ଠି ରହୁଥିଲା। କାଳକ୍ରମେ ସେଥିରେ ସ୍ୱାର୍ଥପରତା, ଛଳନା, କୁଟିଳତା ପରିଲକ୍ଷିତ ହେବାରୁ ଯୌଥ ପରିବାର ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହେଲା। ଯେଉଁଠି ନା ରହିଲା ପାରସ୍ପରିକ ସାହାଯ୍ୟ କିମ୍ବା ସହଯୋଗ। ଅଧିକ ସୁଖ ପାଇବାକୁ ଯାହା କରାଗଲା ସେଥିରେ ବି ସୁଖୀ ହୋଇପାରିଲେନି କେହି। ଫଳରେ ଦିନକୁ ଦିନ ପରିବାରଗୁଡ଼ିକ ବିଶୃଙ୍ଖଳିତ ହେବାରେ ଲାଗିଛି। ତେଣୁ ଘରୋଇ ହିଂସା ମଧ ବଢ଼ି ବଢ଼ି ଚାଲିଛି। ଆଜିର ବସ୍ତୁବାଦୀ ସମାଜରେ ବୃଦ୍ଧାବସ୍ଥାରେ ସନ୍ତାନମାନେ ପିତାମାତାଙ୍କ ଦାୟିତ୍ୱ ନେବାକୁ କୁଣ୍ଠାବୋଧକରନ୍ତି। ଏକକ ପରିବାର ଜନ୍ମିତ ଯୁବକ ବା ଯୁବତୀ ବେକାରୀ, ଦରଦାମ ବୃଦ୍ଧି, ଅଶିକ୍ଷା, ସାମାଜିକ ଚାପ, ସମ୍ବେଦନଶୀଳତା ଅଭାବ, ଅତ୍ୟନ୍ତ ସ୍ୱାର୍ଥପରତା ଆଦିକଳୁଷିତ ପରମ୍ପରାରେ ଜନ୍ମିତ ସେମାନେ କେବଳ ନିଜର ସ୍ୱାର୍ଥ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ମନ ଦେଇନଥାନ୍ତି। ପ୍ରାପ୍ତବୟସ୍କରେ ସେମାନେ ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପୈତୃକ ସମ୍ପତ୍ତିକୁ ସେମାନଙ୍କ ନାମରେ ଲେଖିଦେବାକୁ କହିଥାଆନ୍ତି, ସେଥିପାଇଁ ବିଭିନ୍ନ ଉପାୟରେ ଚାପ ପକାନ୍ତି, ଯଦି ପିତାମାତା ସେଥିରେ ରାଜି ନହୁଅନ୍ତି, ତେବେ ସେମାନେ ଅବହେଳାକରିବା ଆରମ୍ଭ କରନ୍ତି। ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁସାରେ ପିତାମାତାଙ୍କ ପାଇଁ ପିଲାମାନଙ୍କ ଠାରୁ ଭରଣାପୋଷଣ ଦାବି କରିବାର ଆଇନଗତ ଅଧିକାର। ଭାରତୀୟ ପରିବାରରେ ଦ୍ୱନ୍ଦ୍ୱର ସାଧାରଣ ଉତ୍ସ ସମ୍ପତ୍ତି କିମ୍ବା ଆର୍ଥିକ ବିବାଦ, ଜୀବନଶୈଳୀ ଏବଂ ବ୍ୟକ୍ତିଗତ ପସନ୍ଦ, ଯୌଥ ପରିବାରରୁ ହସ୍ତକ୍ଷେପ, ସ୍ୱାସ୍ଥ୍ୟ ଏବଂ ଯତ୍ନ ନେବା ଚାପ ସାଂସ୍କୃତିକ କିମ୍ବା ପିଢ଼ିଗତ ପାର୍ଥକ୍ୟ ଆଦି ଭିନ୍ନ ଭିନ୍ନ କାରଣ। ପ୍ରକୃତ କାରଣକୁ ବୁଝିବା ଏବଂ ଛୋଟ ଛୋଟ ସମସ୍ୟା ଉପରେ ଯୁକ୍ତିକୁ ଏଡ଼ାଇବା ସହିତ ସମାଧାନ ଉପରେ ଧ୍ୟାନ ଦେବା ଜରୁରୀ। ସହାନୁଭୂତି ଏବଂ ବୁଝାମଣା ସହିତ କ୍ରୋଧପୂର୍ଣ୍ଣ ଯୁକ୍ତିତର୍କ ସମୟରେ ନିଜକୁ ଦୂରେଇ ରଖନ୍ତୁ ଓ ପିତାମାତା ସ୍ୱାମୀ, ସ୍ତ୍ରୀ, ଭାଇ ଭଉଣୀ, ଭାଇ ଭାଇଙ୍କ ସହିତ ସୁସମ୍ପର୍କ ରଖି ଖୁସିରେ ରହିବାର କଳାକୁ ଅକ୍ତିଆର କଲେଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା।

♥ ଚହଟା ନଗର, ଲେନ୍-୬,
କଟକ-୧୪,
ମୋ : ୭୦୦୮୪୭୮୯୮୬

# କବି ପ୍ରଦୀପ୍ତ ମହାନ୍ତିଙ୍କ ପୁସ୍ତକ ଶୂନ୍ୟ ମଣ୍ଡପ ଉନ୍ମୋଚିତ



ବାସୁଦେବପୁର, ୦୪/୪ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି କକ୍ଷରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ପଞ୍ଚଦଶ ବାର୍ଷିକ ଉତ୍ସବରେ ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତିଙ୍କ କବିତା ପୁସ୍ତକ ଶୂନ୍ୟ ମଣ୍ଡପ ଖୁବ୍ ସଫଳତାର ସହିତ ଅତିଥି ବନ୍ଧୁ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି। ଏହି ଉନ୍ମୋଚନ ଉତ୍ସବରେ ଭଦ୍ରକ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଶିକ୍ଷାବିତ୍ ଦୁଃଶାସନ ରାଉତ, ବିଶିଷ୍ଟ ଗାଳ୍ପିକ ପ୍ରକାଶ ମହାପାତ୍ର, ବିଶିଷ୍ଟ କବି ରକ୍ଷକ ନାୟକ, ବିଶିଷ୍ଟ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ, ବରେଣ୍ୟ କବି ଚିତ୍ତ ରଞ୍ଜନ ନାୟକ,ବରେଣ୍ୟ କବି ସୁରେନ୍ଦ୍ର ପାଣିଗ୍ରାହୀ, ବରେଣ୍ୟ କବି ସରୋଜ ବଳ, କବି ଉମାକାନ୍ତ ରାଉତ, କବି ଜିତୁ ସାବତ, କବି ଶ୍ରୀ ଗୋବିନ୍ଦ , କୁନି କବି ଆରୋହୀ ମହାନ୍ତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ଏହି କବିତା ପୁସ୍ତକ କୁ ଉନ୍ମୋଚନ କରିଥିଲେ ଏବଂ ଉଚ୍ଚ ପ୍ରଶଂସା କରିଥିଲେ। ଭୁବନେଶ୍ୱର ସାଧନା ଛପା ଛପି ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ କବି ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଚତୁର୍ଥ ପୁସ୍ତକ ଶୂନ୍ୟ ମଣ୍ଡପ ସମସ୍ତ ବର୍ଗର ଲେଖକ ଓ ପାଠକ ପାଠିକା ମାନଙ୍କୁ ଭଲ ଲାଗିବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏହି ପୁସ୍ତକର ପ୍ରଚ୍ଛଦ ତିଆରି କରିଛନ୍ତି ଶ୍ରୀରାମ ଓ ନିର୍ଦ୍ଦେଶ ଦେଇଛନ୍ତି କବି ଶ୍ରୀ ଗୋବିନ୍ଦ। ଶେଷରେ ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ସାମ୍ବାଦିକ ଓ କବି ପ୍ରଦୀପ୍ତ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବ୍ରିଗଡ଼ ଇକୋଟୁରିଜମ୍‌ର ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ

ଭୁବନେଶ୍ୱର, ୦୪/୪ (ନି.ପ୍ର): ଦେବ୍ରିଗଡ଼ ଇକୋଟୁରିଜମ୍ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଗର୍ବ ଓ ଗୌରବର ବିଷୟ ବୋଲି ଉଲ୍ଲେଖ କରିଛନ୍ତି। ଏକ୍ସରେ ପୋଷ୍ଟ କରି କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି ୨୦୨୫-୨୬ ଆର୍ଥିକ ବର୍ଷରେ ଦେବ୍ରିଗଡ଼ ଇକୋଟୁରିଜମ୍ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ କରି ଏକ ଅଭୂତପୂର୍ବ ସଫଳତା ହାସଲ କରିଛି, ଯାହା ଗତ ବର୍ଷ ତୁଳନାରେ ପାଖାପାଖି ୧ କୋଟି ଟଙ୍କା ଅଧିକ । ଦେଶ ଓ ବିଦେଶରୁ ପ୍ରାୟ ୧.୪ ଲକ୍ଷ ପର୍ଯ୍ୟଟକ ଏହି ସ୍ଥାନକୁ ଆସିବା ଓଡ଼ିଶାର ପର୍ଯ୍ୟଟନ ପାଇଁ ଗର୍ବ ଓ ଗୌରବର ବିଷୟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଖୋ ଅପନା ଦେଶ ଓ ପର୍ଯ୍ୟଟନ ବିକାଶର ଦୂରଦୃଷ୍ଟି ଆଜି ଦେବ୍ରିଗଡ଼ରେ ବାସ୍ତବ ରୂପ ନେଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହଯୋଗରେ ଓଡ଼ିଶା ଇକୋ-ଟୁରିଜମ୍ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ପ୍ରକୃତି ହୋମ-ଷ୍ଟେ 'ଧୋଡ୍ରାକୁସୁମ୍' ଭଳି ଅଭିନବ ପରିକଳ୍ପନା ରାଜସ୍ୱ ବୃଦ୍ଧି ସମେତ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛି । ବନ୍ୟପ୍ରାଣୀ ସଂରକ୍ଷଣ ସହିତ ଗ୍ରାମାଞ୍ଚଳର ବିକାଶ ଏବଂ ସ୍ଥାନୀୟ ଲୋକଙ୍କୁ ଜୀବିକା ଯୋଗାଇବାରେ ଏହି ପ୍ରୟାସ ପ୍ରଶଂସନୀୟ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବୃଦ୍ଧା ମା'ଙ୍କୁ ...

ତାପରେ ପାଖ ପଡ଼ୋଶୀ ଗାଁ ଲୋକେ ଜାଣିବା ପରେ ପଦ୍ମାବତୀକୁ ଉଦ୍ଧାର କରିବା ସମୟରେ ଲକ୍ଷ୍ମୀକାନ୍ତ ଅଶାଳୀନ ମନ୍ତବ୍ୟ କହିବା ପରେ ସେମାନେ ଉତକ୍ଷିପ୍ତ ହୋଇ ଲକ୍ଷ୍ମୀକାନ୍ତଙ୍କୁ ଗଛରେ ବାନ୍ଧି ନିସ୍ତୁକ ପିଟି ପୁଲିସକୁ ଖବର ଦେଇଥିଲେ। ଖବର ପାଇପୁଲିସଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଏନେଇ ପଦ୍ମାବତୀଙ୍କ ନଣନ୍ଦ ତପୁ ରଣା କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ୭୯/୨୬ ରେ ମାମଲା ରୁଜୁ କରିବା ସହିତ ଲକ୍ଷ୍ମୀକାନ୍ତଙ୍କୁ ଅଟକ କରି ତଦନ୍ତ ଚାଲିଛି ବୋଲି ଆଇଆଇସି ଅର୍ପିତା ପ୍ରିୟଦର୍ଶିନୀ ଦାସ ସୂଚନା ଦେଇଛନ୍ତି।

### ରାଜ୍ୟବ୍ୟାପୀ ପାଳନ ...

ଭାବ ବିନିମୟ କରିଛନ୍ତି ମୁଖ୍ୟମନ୍ତ୍ରୀ। ପାଠ ପଢ଼ିବା, ବଡ଼ ମଣିଷ ହେବା, ଗୁରୁଜନଙ୍କୁ ସମ୍ମାନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଶତ ପ୍ରତିଶତ ନାମଲେଖା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରାଥମିକ ଶିକ୍ଷାକୁ ଦୃଢ଼ କରିବାକୁ ପ୍ରତି ଗାଁ ରେ ହେବ ମଡେଲ ସ୍କୁଲ। ୫ଏକର ଜାଗାରେ ହେବ ଗୋଦାବରୀଶ ମିଶ୍ର ପ୍ରାଥମିକ ସ୍କୁଲ ନିର୍ମାଣ। ଗୋଟିଏ ଛାତ ତଳେ ରହିବ ଶିଶୁବାଟିକାରୁ ପ୍ରାଥମିକ ଶିକ୍ଷା। ରାଜ୍ୟସ୍ତରୀୟ ଖଡ଼ି ଛୁଆଁ ଓ ସ୍କୁଲ ପ୍ରବେଶ ଉତ୍ସବ ପାଳନ ଅବସରରେ ଏଭଳି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରରେ ବୁଲିବ ଏହି ସଚେତନତା ରଥ। କିନ୍ତୁ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ବି ସବୁ ଛାତ୍ରଛାତ୍ରୀଙ୍କୁ ବହି ମିଳିନଥିବାରୁ କେଁ ବାହାରିଛି। ଗଣଶିକ୍ଷାମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ହେଲା ପରେ ନୂତନ ବହି ପ୍ରସ୍ତୁତ ହେଉଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାମାନଙ୍କରେ ୫୦ ପ୍ରତିଶତ ପିଲାଙ୍କୁ ବହି ମିଳିଛି। ଖୁବ୍‌ଶୀଘ୍ର ଖରାଛୁଟି ଭିତରେ ବଳକା ୫୦ ପ୍ରତିଶତ ବହି ମିଳିବ। ଗତବର୍ଷଠାରୁ ରାଜ୍ୟରେ ଖଡ଼ିଛୁଆଁ ଉତ୍ସବ ପାଳନ କରାଯାଉଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଥିଲା।

### ନୀରବତା ଭାଙ୍ଗିଲେ ଅନ୍ନାମଲାଇ...

ଦେଇଛନ୍ତି ଏବଂ କହିଛନ୍ତି ଯେ ସେ ମେଣ୍ଟ ପାଇଁ ପ୍ରଚାର ଉପରେ ଧ୍ୟାନ ଦେବେ। ଦଳର ପ୍ରାର୍ଥୀ ତାଲିକା ପ୍ରକାଶ କରିଥିବା କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଅନ୍ନାମଲାଇ ଗୋଟିଏ ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବା ଅପେକ୍ଷା ରାଜ୍ୟ ସାରା ପ୍ରଚାର ଉପରେ ଧ୍ୟାନ ଦେବାକୁ ବାଛିଛନ୍ତି । ଅନ୍ନାମଲାଇ ଦଳର ଜଣେ ଉତ୍ସର୍ଗୀକୃତ କର୍ମୀ ଏବଂ ଗୋଟିଏ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପରିବର୍ତ୍ତେ ରାଜ୍ୟ ସାରା କାମ କରିବାକୁ ପସନ୍ଦ କରିଛନ୍ତି । ରାଜ୍ୟ ୟୁନିଟ୍ ଏବଂ ବ୍ୟକ୍ତିଗତ ପସନ୍ଦର ସୂଚନା ଆଧାରରେ ପ୍ରାର୍ଥୀମାନଙ୍କୁ ଚୟନ କରାଯାଇଥିବା ଗୋୟଲ କହିଛନ୍ତି। ତାଲିକା ଘୋଷଣା ହେବା ପରେ, ଅନ୍ନାମଲାଇ ସୋସିଆଲ ମିଡିଆ ଏକ୍ସରେ କହିଥିଲେ, ସେ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ସେ କହିଛନ୍ତି,ମୁଁ ଜଣେ କର୍ମୀ ଏବଂ କାନ୍ଧକୁ କାନ୍ଧ ମିଶାଇ ଛିଡ଼ା ହେବି ଏବଂ ଆମର ସମସ୍ତ ବିଜେପି ଏବଂ ଅନ୍ୟାନ୍ୟ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବି। ଏନଡିଏ ୨୧୦ ଆସନ ଜିତିବା ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ,ତାମିଲନାଡୁରେ ୨୩ ଏପ୍ରିଲରେ ଗୋଟିଏ ପର୍ଯ୍ୟାୟରେ ଭୋଟିଂ ହେବ। ଭୋଟ୍ ଗଣତି ୪ ମେରେ ହେବ ।

### କେରଳରେ ସରଗରମ...

ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଚଳାଇଥିବା ଶକ୍ତି ସହିତ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ବୁଝାମଣା କରିଛନ୍ତି । ସାବରିମାଲା ପ୍ରସଙ୍ଗ ଉଠାଉ ନଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ରାହୁଲ ସମାଲୋଚନା କରିଥିଲେ। । ତାମିଲନାଡୁ, ପଶ୍ଚିମବଙ୍ଗ ଓ ପୁଡୁଚେରିରେ ମଧ୍ୟ ବିଧାନସଭା ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଛି।

# ଜଳେଶ୍ୱର ବ୍ଲକରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ ଅବସରରେ ଦକ୍ଷ କାର୍ଯ୍ୟରତ ପାଇଁ ପାଞ୍ଚ ଜଣ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୦୪/୪ (ନି.ପ୍ର): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ।ଏହି ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଓ ତୃତୀୟ ଦିନ ଅର୍ଥାତ୍ ଏପ୍ରିଲ ୨ ଓ ୩ ତାରିଖକୁ ପାରମ୍ପରିକ ପୋଷାକ ପରିଧାନ ଦିବସ "ଆମ ପୋଷାକ ଆମ ପରିଚୟ" ଦିବସ ଭାବେ ପାଳନ କରାଯାଇଛି।ଏହି ଅବସରରେ ଜଳେଶ୍ୱର ବ୍ଲକ ପକ୍ଷର ସମ୍ମିଳନୀ କକ୍ଷରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ସଭାପତିତ୍ୱରେ ପାରମ୍ପରିକ ପୋଷାକ ପରିଧାନ ଦ୍ୱିସ ବା "ଆମ ପୋଷାକ ଆମ ପରିଚୟ" ଦିବସ ପାଳନ ସହିତ ଜଳେଶ୍ୱର ବ୍ଲକରେ ବିଭିନ୍ନ ବିଭାଗର ଦକ୍ଷ କାର୍ଯ୍ୟ ପାଇଁ ୫ ଜଣ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ସ୍ତରରେ ବିଭିନ୍ନ ରାସ୍ତାଘାଟ ସହିତ ବିଭିନ୍ନ ସିଭିଲ କାର୍ଯ୍ୟରେ ଭଲ ଦକ୍ଷତା ଅର୍ଜନ କରିଥିବା ଜୁନିୟର ଇଞ୍ଜିନିୟର ରବିନ୍ଦ୍ର କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୋକ୍ତି ଯୋଜନା ବିଭାଗରୁ ଏପିଇଓ ପାୟଲ ସାହୁ, ପିଇଓ ଦିନେଶ ସେଠୀ, ଏଡିଇଓ ରାନୁଶ୍ରୀ ଚନ୍ଦ,ଡିଇଓ ସନ୍ତୋଷ କୁମାର ପଣ୍ଡାଙ୍କୁ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଏବଂ ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଏବିଡିଓ ସୁଧୀର କୁମାର ସାହୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ,ବ୍ଲକ ଫାଇନାନ୍ସ ଅଫିସର ଜୀବନ କୁମାର ପରିଡ଼ା,ସିପି ସୁଜିତ କୁମାର ଜେନା,ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିକ୍ରମ କୁମାର ଜେନା ପ୍ରମୁଖ ଅତିଥି ଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମସ୍ତ ପିଇଓ ଏଡିଇଓ ତଥା ବ୍ଲକର ସମସ୍ତ ଅଧିକାରୀ ମାନେ ପାରମ୍ପାରିକ ପୋଷାକ ପରିଧାନ କରି "ଆମ ପୋଷାକ ଆମ ପରିଚୟ" ଦିବସ ପାଳନ ସହିତ ସମସ୍ତ କାର୍ଯ୍ୟରେ ସଫଳତାର ସହ ସହଯୋଗ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟର "ପୁନଃ ସ୍କୁଲକୁ ଫେର" କାର୍ଯ୍ୟକ୍ରମରେ ଶିକ୍ଷାରେ ପୁନର୍ବାର ସାମିଲ ହେଲେ ଛାତ୍ରଛାତ୍ରୀ



ବାଲେଶ୍ୱର, ୦୪/୪ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଶ୍ୱବିଦ୍ୟାଳୟ ଦ୍ୱାରା ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଥିବା ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗ୍ରାମରେ "ପୁନଃ ସ୍କୁଲକୁ ଫେର" ନାମକ ଏକ ସ୍ୱତନ୍ତ୍ର ସାମାଜିକ କାର୍ଯ୍ୟକ୍ରମ ସଫଳତାର ସହ ସଂପାଦନ ହୋଇଛି। ଏହା ଓଡ଼ିଶା ସରକାରଙ୍କ ପ୍ରଣୀତ ଓଡ଼ିଆ ପକ୍ଷ ପାଳନ ଅନ୍ତର୍ଗତ 'ଖଡିଛୁଆଁ' କାର୍ଯ୍ୟକ୍ରମର ପରିପ୍ରେକ୍ଷିତରେ ସମସ୍ତଙ୍କୁ ପୁନର୍ବାର ସ୍କୁଲମୁଖୀ କରିବା ଓ ଶିକ୍ଷାରେ ସାମିଲ କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସଂପନ୍ନ ହୋଇଥିଲା। ପୁରାତନ ଛାତ୍ର ସଂସଦର ସଭାପତି ଡ଼କ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଉପ-ସଭାପତି ଡ଼କ୍ଟର ଦେବଦତ୍ତ ଦାସ ସହ ଡ଼କ୍ଟର. ମିନତୀ ମିଶ୍ର, ଡ଼କ୍ଟର ଜଗନ୍ନାଥ ବେହେରା, ଡ଼କ୍ଟର ଶତଦଳ ଗିରି ଓ ଅନ୍ୟାନ୍ୟ ସଦସ୍ୟ ତଥା ଛାତ୍ରଛାତ୍ରୀଙ୍କ ସକ୍ରିୟ ଉପସ୍ଥିତିରେ ଏହା ଅନୁଷ୍ଠିତ ହୋଇଥିଲା। ଉକ୍ତ ଦୁଇ ଗ୍ରାମରେ ଏକ ସପ୍ତାହ ଧରି କରାଯାଇଥିବା ସର୍ବେକ୍ଷଣରେ, ପାରିପାର୍ଶ୍ୱିକ ପରିସ୍ଥିତି ହେତୁ ପାଠ ଛାଡ଼ି ଦେଇଥିବା ୧୦ ଜଣ ଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ କାଳରେ ସେମାନଙ୍କ ଅଭିଭାବକମାନଙ୍କ ସହ ବୈଠକ ଓ ସଚେତନତାମୂଳକ ଆଲୋଚନା କରାଯାଇ, ସେହି ଛାତ୍ରମାନଙ୍କୁ ପୁନର୍ବାର ସ୍କୁଲରେ ନାମଭର୍ତ୍ତି କରାଯାଇ ଶିକ୍ଷା ପ୍ରକ୍ରିୟାର ପୁନଃଆରମ୍ଭ ସୁନିଶ୍ଚିତ କରାଯାଇଛି। ଏହି ଉଦ୍ୟମରେ ପୁରାତନ ଛାତ୍ର ସଂସଦ ସହିତ ଗ୍ରାମର ଜନପ୍ରତିନିଧି, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଭିନ୍ନ ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କ ଯୋଗଦାନ ଉଲ୍ଲେଖନୀୟ ଥିଲା। ଚୟିତ ୧୦ ଜଣ ଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍କୁଲ ବ୍ୟାଗ, ବହି ଖାତା, କଲମ, ଜ୍ୟାମିତି ବାକ୍ସ ଆଦି ଶିକ୍ଷା ସାମଗ୍ରୀ ପ୍ରଦାନ କରାଯାଇଥିଲା। "ଆସନ୍ତୁ, ପୁଣିଥରେ ସ୍କୁଲ ଫେରିବା ଓ ଶିକ୍ଷିତ ହୋଇ ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରିବା" - ବାର୍ତ୍ତାବହ ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଅନନ୍ୟ ପରିଚାୟକ କାର୍ଯ୍ୟକ୍ରମ ଭାବେ ଆଦୃତ ହୋଇପାରିଛି।

# ସେଲ୍, ଓଡ଼ିଶା ଖଣି ସମୂହ ପକ୍ଷରୁ ଭାରି ଖଣି ଯାନ ଗୁଡିକରେ ଏଲଏନଜି ପ୍ରଚଳନ ନିମନ୍ତେ ଗେଲ୍ ସହିତ ଚୁକ୍ତିନାମା ସ୍ୱାକ୍ଷର

ରାଉରକେଲା, ୦୪/୪ (ନି.ପ୍ର): ସସ୍ଥାୟୀ ଖଣିଜ ଉତ୍ତୋଳନ ସହ କାର୍ବନ ପାଦଚିହ୍ନ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ଓଡ଼ିଶା ଖଣି ସମୂହ (ଓଜିଓଏମ) ଏହାର ଭାରି ଖଣି ଯାନ (ଏଚଇଏମଏମ) ରେ ଏକ ବିକଳ୍ପ ଇନ୍ଧନ ଭାବେ ତରଳ ପ୍ରାକୃତିକ ଗ୍ୟାସ (ଏଲଏନଜି) ବ୍ୟବହାର କୁ ଉପଯୋଗ କରିବା ପାଇଁ ଭାରତୀୟ ଗ୍ୟାସ ପ୍ରାଧିକରଣ ଲିମିଟେଡ୍ ସହିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଏହି ଅବସରରେ ମାର୍ଚ୍ଚ ୩୧ ତାରିଖରେ ରାଉରକେଲା ସ୍ଥିତ ଖଣି ବିଭାଗରେ ସେଲ୍ ର ଓଜିଓଏମ, ସିଏମଏଲଓ ଏବଂ ଗେଲ୍ ଗ୍ୟାସ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ଏହି ଚୁକ୍ତିନାମାଟି ଆରଏସପି ର ଖଣି (ଓଜିଓଏମ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ.ପି. ସିଂହ ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ବଲାଣୀ ଓର ମାଇନ୍ସ ର ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏବଂ ଓଜିଓଏମ ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗେଲ୍ ଗ୍ୟାସ୍ ଲିମିଟେଡ୍ ପକ୍ଷରୁ ଗେଲ୍ ମାର୍କେଟିଂ ବିଭାଗର ସିଜିଏମ ଶ୍ରୀ ଏମ୍ ଜାଫର୍ ଖାନ, ସିଜିଡ଼ି ର ଜିଏମ ଶ୍ରୀ ଆଶିଷ ମିତ୍ତଲ, ଜିଏମ ଏବଂ ଓଆଇସି, ରାଉରକେଲା, ଶ୍ରୀ ଜି. ଆଞ୍ଜୈୟା ଏବଂ ବରିଷ୍ଠ ମାର୍କେଟିଂ ଅଧିକାରୀ ଶ୍ରୀ କାନି ବାଲାନ୍ ପ୍ରତିନିଧିତ୍ୱ କରିଥିଲେ।

ଡିଜେଲ୍ ବ୍ୟବହାରକୁ କମ କରିବା ସହ ଇନ୍ଧନ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସେଲ୍‌ର ସବୁଜ ଖଣି ଉତ୍ତୋଳନ କାର୍ଯ୍ୟକାରିତା ସହିତ ପରିବେଶ ଅନୁକୂଳ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ। ଏହି ବୁଝାମଣାପତ୍ର ଓଜିଓଏମ ଏବଂ ଗେଲ୍ ଗ୍ୟାସ୍ ଲିମିଟେଡ୍ ମଧ୍ୟରେ ସହଯୋଗ ପାଇଁ ଏକ ଢାଞ୍ଚା ପ୍ରତିଷ୍ଠା କରୁଚି ଯାହା ଓଜିଓଏମ ର ଲଜିଷ୍ଟିକ୍ସ ଏବଂ ଖଣି ଫ୍ଲିଟ୍ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଇନ୍ଧନ ଭାବରେ ଏଲଏନଜି ର ଉପୋଯୋଗ ଏବଂ ସମନ୍ୱୟ ଅନୁସନ୍ଧାନ କରିବ। ଏହା ଓଜିଓଏମ ର ପରିବେଶ ଅନୁକୂଳ ଦାୟିତ୍ୱପୂର୍ଣ୍ଣ ଖଣି ଖନନ ପରମ୍ପରାକୁ ମଜବୁତ କରିବା ସହ ସେଲ୍‌ର ଚିରନ୍ତନୀ ଲକ୍ଷ୍ୟ ପ୍ରତି ଯୋଗଦାନ ଦେବାରେ ସହାୟକ ହେବ।

# ଦିଲ୍ଲୀରୁ ଫେରିଲେ କଂଗ୍ରେସ ବିଧାୟକ

ଭୁବନେଶ୍ୱର, ୦୪/୪ (ନି.ପ୍ର): କଂଗ୍ରେସ ବିଧାୟକ ଦଳ ନେତା ପରିବର୍ତ୍ତନ ଚର୍ଚ୍ଚା ଭିତରେ ଦିଲ୍ଲୀରୁ ଫେରିଛନ୍ତି କଂଗ୍ରେସ ବିଧାୟକ । କଂଗ୍ରେସ ବିଧାୟକ କହିଛନ୍ତି ଯେ ଆମକୁ ବିଶେଷ ସୂତ୍ରରୁ ଦିଲ୍ଲୀ ପାଇଁ ଡାକରା ଆସିଥିଲା। ଦିଲ୍ଲୀ ଯାଇଥିଲୁ ଆଉ ଦଳର ମୁଖିଆଙ୍କୁ ଭେଟିଲୁ। ଦିଲ୍ଲୀରୁ ଫେରି କଂଗ୍ରେସ ବିଧାୟକଙ୍କ ଗୋଟିଏ ସ୍ୱର ଯୋ ଦିଲ୍ଲିକା ଲଡୁ ଖାୟା ପସତାୟା ଯୋ ନେହି ଖାୟା ୱୋ ପସତାୟା। ସେଠି ସଂଗଠନ ନେଇ ଆଲୋଚନା ହେଲା, ରଣନୀତି ନେଇ ଆଲୋଚନା ହେଲା। ରାଜ୍ୟସଭା ନିର୍ବାଚନ ବିଷୟରେ ମଧ୍ୟ ଆଲୋଚନା କରାଗଲା।


## Tender Call Notice

Sealed quotations are invited in the prescribed format from interested Tent Houses/ Firms/ Event Management Agency for different works of District Level Pallishree Mela along with Chaitra Parva Scheduled to be held at College & Chhau Padia Baripada from 10th to 15th April-2026. The detailed Tender Paper along with terms & conditions can be obtained from the office of the undersigned or can be downloaded from the website https://mayurbhanj. odisha. gov. in. Sealed quotations will be received on or before 02.04.2026 at 2.00 PM and will be opened in the same day at 4.00 PM at the office of ORMAS, Zilla Parishad, Baripada, Mayurbhanj.

**Sd/**
**CDO-cum-EO**
**Zilla Parishad, Mayurbhanj**

OIPR:13001/13216/1/26-27/0001


# ପ୍ରକୃତିର ସୁରକ୍ଷା ଓ ପ୍ରାକୃତିକ ଚିକିତ୍ସା ଶିବିର ପାଇଁ କ୍ଷେତ୍ର ପରିଦର୍ଶନ କଲେ ମ୍ୟାନେଜର ନାରାୟଣ ମଲ୍ଲିକ



ବୈଶିଙ୍ଗା, ୦୪/୪ (ନି.ପ୍ର): ଇଣ୍ଟର ନ୍ୟାସନାଲ ନେଚରପାଥି ଅର୍ଗାନାଇଜେସନ, ହେଲଥଭିଲା ଭୁବନେଶ୍ୱର ଏବଂ ଜୁନିୟର ରେଡକ୍ରସ ଇକୋ ଫ୍ରେଣ୍ଡସର ପାଟଳିପୁରାର ମିଳିତ ସହଯୋଗରେ ଏକ ପ୍ରାକୃତିକ ଚିକିତ୍ସା ଶିବିର ପାଟଳିପୁରା ହାଇସ୍କୁଲରେ ବିଶ୍ୱ ମାତୃତ୍ୱ ଦିବସରେ ଆସନ୍ତା ମେ ମାସ ୧୦ ତାରିଖ ଦିନ ଅନୁଷ୍ଠିତ ହେବ । ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାୟକ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ହେଲଥ ଭିଲା ଭବନେଶ୍ୱରର ମ୍ୟାନେଜର ନାରାୟଣ ମଲ୍ଲିକ,କ୍ଷେତ୍ର ପରିଦର୍ଶନରେ ଆସିଥିବା ଅବସରରେ ଏହି ପ୍ରସ୍ତୁତି ବୈଠକରେ ଯୋଗଦାନକରି ବସନ୍ତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ କାଳ ବୈଶିଖିର ତାଣ୍ଡବ ମାନବ ସମାଜ କୁ ଚେତାଇ ଦେଉଛି ଯେ ପ୍ରକୃତି ବଞ୍ଚିଲେ ମଣିଷ ବଞ୍ଚିବା ବୋଲି କହି ପ୍ରକୃତିର ସୁରକ୍ଷା ଓ ପ୍ରାକୃତିକ ଚିକିତ୍ସା ଶିବିରରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟାବରଣ ସଂରକ୍ଷଣ ଗତ୍ୱିଧିର ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ,ଯୋଗ ଶିକ୍ଷକ ଦୀପକକୁମାର ମହାନ୍ତ, ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀର ସମ୍ପାଦକ ତ୍ରୈଲୋକ୍ୟ ଦୁର୍ଗା, ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷକ ସାଲଜୁ ହେମ୍ବ୍ରମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳେଶ୍ୱର ବ୍ଲକସ୍ତରୀୟ ଖଡ଼ିଛୁଆଁ: ପ୍ରବେଶ ଉତ୍ସବ ସହିତ ସଚେତନତା ରଥର ଉଦ୍‌ଘାଟନ



ଜଳେଶ୍ୱର, ୦୪/୪ (ନି.ପ୍ର): ଜଳେଶ୍ୱର ବ୍ଲକ ସ୍ତରୀୟ ଶାନ୍ତିଆ ସରକାରୀ ଉ ପ୍ରା ବିଦ୍ୟାଳୟ ପରିସରରେ ଆଜି ସକାଳ ୧୧ ଘଟିକା ସମୟ ରେ ଖଡ଼ିଛୁଆଁ,ପ୍ରବେଶ ଉତ୍ସବ ସହିତ ସଚେତନତା ରଥର ଉଦଘାଟନ ଉତ୍ସବ ହୋଇଯାଇଛି। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନୂତନ ଶିକ୍ଷାନୀତି ଆଧାରରେ ଓଡ଼ିଶାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ୫ ବର୍ଷ ରୁ ଉର୍ଦ୍ଧ୍ୱ ପିଲାଙ୍କ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ।।ଉକ୍ତ ଉତ୍ସବରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ନଗରପାଳ ପ୍ରତାପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି,ବ୍ଲକ ଶିକ୍ଷା କମିଟିର ଅଧ୍ୟକ୍ଷା ଅନୀତା ମହାନ୍ତି, ବିଆରସିସି ସୁଶାନ୍ତ କୁମାର ଜେନା,ଏବିଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ ସିଆରସିସି ଅଜିତ୍ କୁମାର ପାତ୍ର,ସୁବ୍ରତ ସେନାପତି, ଭାରତୀ ବେହେରା, ମାନସ କୁମାର ଦାସ ଓ ରମେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନି କୁନି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଏବଂ ସେମାନଙ୍କର ଶିକ୍ଷା ଜୀବନର ଶୁଭାରମ୍ଭକୁ ସ୍ମରଣୀୟ କରିବା।ପାରମ୍ପରିକ ରୀତିନୀତି ଅନୁଯାୟୀ ଶିଶୁମାନଙ୍କୁ ବିଦ୍ୟାଳୟରେ ସ୍ୱାଗତ କରାଯିବା ସହ 'ଖଡ଼ି ଛୁଆଁ' ମାଧ୍ୟମରେ ସେମାନଙ୍କୁ ଅକ୍ଷର ଜ୍ଞାନ ପ୍ରଦାନ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା।

୦୫ ଏପ୍ରିଲ ୨୦୨୬, ରବିବାର

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶାନ୍ତିଲତା ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର

ବସ୍ତା , ୦୪/୪ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଉଇଟିକିରି ସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଭାରପ୍ରାପ୍ତ ଅଧ୍ୟକ୍ଷ ମାନସ କୁମାର ଦଉଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗର ସରକାରୀ ପ୍ରଫେସର ଡ଼.ସଚ୍ଚିଦାନନ୍ଦ ସ ଏବଂ ବିଶ୍ୱବିଦ୍ୟାଳୟର ରାଜନୀତି ବିଭାଗର ସରକାରୀ ପ୍ରଫେସର ଡ଼. ରାଜଶ୍ରୀ ଦତ୍ତ 'ମହିଳା, ସଶକ୍ତିକରଣ ଅର୍ଥନୈତିକ ଅଭି ବୃଦ୍ଧି ଏବଂ ସ୍ଥିରତା, ଭାରତର ପରିବର୍ତ୍ତନଶୀଳ କାର୍ଯ୍ୟସୂଚୀ ଶୀର୍ଷକ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ। ମହିଳା ସଶକ୍ତିକରଣ କିପରି ଶ୍ରମ ଶକ୍ତିରେ ଅଂଶ ଗ୍ରହଣକୁ ବୃଦ୍ଧି କରେ। ଉତ୍ପାଦକତା ବଢାଏ ଏବଂ ଅନ୍ତର୍ଭୁକ୍ତିମୂଳକ ଅର୍ଥନୈତିକ ଅଭିବୃଦ୍ଧି ତଥା ସ୍ଥାୟୀ ବିକାଶରେ ସହାୟକ ହୋଇ ଥାଏ ତାହା ଡ଼. ସଚ୍ଚିଦାନନ୍ଦ ସ ଆଲୋଚନା କରିଥିଲେ। ମହିଳା ସଶକ୍ତିକରଣ ସମାନ ପ୍ରତିନିଧିତ୍ୱକୁ ପ୍ରୋତ୍ସାହିତ କରି, ଲିଙ୍ଗଗତ ନ୍ୟାୟ ନିଶ୍ଚିତ କରି ଏବଂ ଅଧିକ ଅନ୍ତର୍ଭୁକ୍ତି ମୂଳକ ତଥା ସହଭାଗୀ ନୀତି ପ୍ରଣୟନରେ ସକ୍ଷମ କରି ଗଣତାନ୍ତ୍ରିକ ଶାସନକୁ କିପରି ସୁଦୃଢ କରିଥାଏ, ତାହା ଡ଼. ରାଜଶ୍ରୀ ଦତ୍ତ ଆଲୋଚନା କରି ଥିଲେ। ବିଭାଗୀୟ ମୁଖ୍ୟା ପ୍ରିୟଙ୍କା ନାୟକ ସଭା ପରିଚାଳନା ସହ ଆଲୋଚ୍ୟ ବିଷୟବସ୍ତୁର ଗୁରୁତ୍ୱକୁ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟା ପିକା ତଥା ଅର୍ଥନୀତି ବିଭାଗର ଅଧ୍ୟାପିକା ସଙ୍ଗୀତା ବେହେରା ଏବଂ ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। +୩ ଶେଷ ବର୍ଷର ଛାତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ପ୍ରଚଳନକୁ ବିରୋଧ କରି କଳାଦିବସ ପାଳନ ଓ ପ୍ରତିବାଦ ସଭା

ଭଦ୍ରକ, ୦୪/୪ (ନି.ପ୍ର): ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ପ୍ରଚଳନକୁ ବିରୋଧ କରି ବିଭିନ୍ନ ଟ୍ରେଡ୍ ୟୁନିୟନ ଯଥା ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ଆଇଏନଟିୟୁସି, ଏଚ୍ ଏମ୍ ଏସ୍ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକ ଠାରେ କଳାଦିବସ ପାଳନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ବିବାଦ ଆଇନ ମାଧ୍ୟମରେ ଆମ ଦେଶର ଶ୍ରମିକ ଶ୍ରେଣୀ ପୂର୍ବରୁ ନିଜର ମଜୁରୀ ମାଲିକ ଶ୍ରେଣୀ ବିରୁଦ୍ଧରେ ମୁଲଚାଲ କରିପାରୁଥିଲା । ଶ୍ରମ କୋର୍ଡ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି । ୧୮୮୬ ମସିହା ବିଶ୍ୱ ଶ୍ରମିକ ଶ୍ରେଣୀ ଲଢେଇ କରି ହାସଲ କରିଥିବା ଦୈନିକ ୮ ଘଣ୍ଟା ଶ୍ରମ କରିବାର ଅଧିକାର ପାଇଥିଲା । ଶ୍ରମ କୋର୍ଡ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି । ପୂର୍ବ ଆଇନ ଅନୁଯାୟୀ ୧୦୦ ଜଣ ଶ୍ରମିକ କାମ କରୁଥିବା ଶିଳ୍ପକୁ ମାଲିକ ଶ୍ରେଣୀ ବଂଦ କରିବା ପାଇଁ ସରକାରଙ୍କ ଅନୁମତି ଚାହୁଁଥିଲେ । ଶ୍ରମ କୋର୍ଡ ମାଧ୍ୟମରେ ଏବେ ମାଲିକ ଶ୍ରେଣୀ ଚାହିଁଲେ ଏହି କାରଖାନାକୁ ମନଇଛା ବଂଦ କରିଦେବେ । ମହିଳା ମାନେ ଦିନ ଦ୍ୱିପ୍ରହରେ ଧର୍ଷଣର ଶିକାର ହେଉଥିବା ବେଳେ ମୋଦି ସରକାର ଲେବର କୋର୍ଡ ମାଧ୍ୟମରେ ମହିଳା ଶ୍ରମିକ ମାନଙ୍କୁ ରାତିରେ ୧୨ ଘଣ୍ଟା କାମ କରିବା ପାଇଁ ଆଇନଗତ ଭାବେ ବାଧ କରିବା ଘଟଣାକୁ ଶ୍ରମିକ ନେତୃବୃନ୍ଦ ବିରୋଧ କରିଥିଲେ । ପୂର୍ବରୁ ୮ ଘଣ୍ଟା କାମ କରୁଥିଲେ ଦୈନିକ ମଜୁରୀ ଯାହା ଥିଲା, ବର୍ତ୍ତମାନ ୧୨ ଘଣ୍ଟା କାମ କଲେ ବି ମଜୁରୀ ବଢିବାର କୌଣସି ବ୍ୟବସ୍ଥା କରିନଥିବାରୁ ଶ୍ରମିକ ନେତୃବୃନ୍ଦ ଦୃଢ ବିରୋଧ କରିଥିଲେ । ଏହି ପ୍ରତିବାଦ ଆନ୍ଦୋଳନରେ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ,ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଯୁବନେତା ବିକାଶ ନାଥ, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ଶ୍ରମିକ ନେତ୍ରୀ ରଞ୍ଜିତା ପଣ୍ଡା, କୃଷକ ନେତା ନିରଞ୍ଜନ ପାଣି, ଓଡିଶା କ୍ଷେତମଜଦୁର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ମହିଳା ନେତ୍ରୀ ଶାନ୍ତିଲତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଜଣାଇଥିଲେ ।




# ଗ୍ୟାସର କଳାବଜାରୀ ରୋକିବା ପାଇଁ ବାଲିଆପାଳ ପ୍ରଶାସନର ଚଢାଉ

## ଘରୋଇ ସିଲିଣ୍ଡରରେ ଚାଲିଛି ହୋଟେଲ ଶୁଭମ ଏବଂ ଆନନ୍ଦମୟୀ

ବାଲିଆପାଳ , ୦୪/୪ (ନି.ପ୍ର): ମଧ୍ୟ ପ୍ରାଚୀର ଯୁଦ୍ଧ ପାଇଁ ଦେଶର ଦେଖାଦେଇଛି ଏଲପିଜି ଗ୍ୟାସ ସଙ୍କଟ। ଗ୍ୟାସ ସଙ୍କଟକୁ ଆଖି ଆଗରେ ରଖି ଅସାଧୁ ହୋଟେଲ ମାଲିକ ମାନେ ଦଲାଲ ମାନଙ୍କ ସହାୟତାରେ ୧୪ କେଜିଆ ଘରୋଇ ଗ୍ୟାସ ସିଲିଣ୍ଡରକୁ ଅଧିକ ଦାମରେ କିଣି ବ୍ୟବସାୟ ଚଳାଇ ମାଲେ ମାଲେ ହେଉଛନ୍ତି। ଯାହା ଫଳରେ ଗ୍ୟାସ ସଙ୍କଟ ସିଧାସଳଖ ଖାଉଟି ମାନଙ୍କ ଉପରେ ପଡୁଛି। ସରକାରଙ୍କ ପକ୍ଷରୁ ବଡ ବଡ ହୋଟେଲ ଶିଳ୍ପ ପାଇଁ ୧୯ କେଜିଆ କମର୍ସିଆଲ ଟାଙ୍କିର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟୀ ମାନେ କମର୍ସିଆଲ ଟାଙ୍କିର ବ୍ୟବହାର କରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଡୁମେଷ୍ଟିକ ଗ୍ୟାସ ୯୫୫ ଟଙ୍କାର ମୂଲ୍ୟ ହୋଇଥିବା ବେଳେ କମର୍ସିଆଲ ଟାଙ୍କିର ମୂଲ୍ୟ ୨୨୩୧ ରହିଛି। ଗ୍ୟାସ ସଙ୍କଟ ଦେଖାଦେଇଥିବାରୁ କଳାବଜାରୀ ରୋକିବା ପାଇଁ ଶନିବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲିଆପାଳ ଯୋଗାଣ ବିଭାଗ ପକ୍ଷରୁ ବାଲିଆପାଳରେ ଥିବା ପ୍ରଥମେ ଶୁଭମ ଗେଷ୍ଟ ହାଉସ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଏହି ଗେଷ୍ଟ ହାଉସରେ କମର୍ସିଆଲ ଗ୍ୟାସର ସଂଯୋଗ ନଥିବା ବେଳେ ଘୋରଇ ଗ୍ୟାସର ବ୍ୟବହାର କରା ଯାଉଥିଲା। ଏହି ଗେଷ୍ଟ ହାଉସରୁ ପାଞ୍ଚଟି ଘରୋଇ ସିଲିଣ୍ଡର ଜବତ କରାଯାଇଛି। ସେହିପରି ବ୍ଲକ ଛକ ସ୍ଥିତ ହୋଟେଲ ଆନନ୍ଦମୟୀରେ ମଧ୍ୟ କମର୍ସିଆଲ ଗ୍ୟାସର ସଂଯୋଗ ନଥିବା ବେଳେ ଚାରୋଟି ଘରୋଇ ଗ୍ୟାସ, ରାଜାରାଣୀ ଛକ ନିକଟରେ ଟେଷ୍ଟ ଅଫ୍ ଓଡ଼ିଶା ଫେମିଲି ରେଷ୍ଟୁରାଣ୍ଟ ଏବଂ ହୋଟେଲରୁ ଦୁଇଟି ଘରୋଇ ଗ୍ୟାସକୁ ଜବତ କରି ବାଲିଆପାଳ ଜାମ କୁଣ୍ଡା ଛକ ନିକଟରେ ଥିବା ହରପ୍ରିୟା ଗ୍ୟାସ ଏଜେନ୍ସୀକୁ ଜମା ଦିଆଯିବା ସହିତ କଳା ବଜାରି ସୃଷ୍ଟି କରୁଥିବା ଏହି ଦୁଇଟି ହୋଟେଲ ବିରୋଧରେ ଆଇନ ଗତ କାର ?ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା କହିଛନ୍ତି। ଏହି ଚଢାଉ ସମୟରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ପୋଲିସ ଏସ ଆଇ ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଫୋଟୋ ଶୁଭମ ହୋଟେଲରେ ପ୍ରସାଶନର ଚଡାଉ।



# ଆଧାର କାର୍ଡ଼ରେ ତୃଟି ଯୋଗୁଁ ସୁଭଦ୍ରା ଟଙ୍କା ମିଳୁନଥିବା ଅଭିଯୋଗ

ଉଦଳା, ୦୪/୪ (ନି.ପ୍ର): ଆଧାର କାର୍ଡ଼ରେ ତୃଟିଥିବା ଯୋଗୁଁ ସୁଭଦ୍ରା ଟଙ୍କା ମିଳୁନାହିଁ ବୋଲି ଖୁଂଟା ବ୍ଲକର କରକଚିଆ ପଂଚାୟତ ଅନ୍ତର୍ଗତ ହରିପୁର ଗ୍ରାମରେ ବସବାସ କରୁଥିବା ମହିଳା ବାସନ୍ତି ସେନାପତି ଅଭିଯୋଗ କରିଛନ୍ତି । ଭୋଟ ପରିଚୟପତ୍ରଠାରୁ ଆରମ୍ଭ କରି ସବୁକିଛି ସରକାରୀ କାଗଜପତ୍ରରେ ତାଙ୍କର ନାମ 'ବାସନ୍ତି ସେନାପତି' ଉଲ୍ଲେଖ ଥିବା ବେଳେ ଆଧାରକାର୍ଡ଼ରେ 'କଂସ ସେନାପତି' ବୋଲି ଲେଖାଯାଇଛି । ଏହିଭଳି ଏକ ତୃଟି ଯୋଗୁଁ 'ବାସନ୍ତି' ସୁଭଦ୍ରା ଟଙ୍କା ପାଇପାରୁନଥିବାର ଜଣାଇଛନ୍ତି । ସରକାରୀ ବାବୁ ମାନଙ୍କର ଭୁଲପାଇଁ ଗରିବ ଆଦିବାସୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ 'ବାସନ୍ତି'ଙ୍କୁ ସୁଭଦ୍ରା ଟଙ୍କା ଯୋଗାଇ ଦେବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।



# ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଏବଂ ଟଙ୍କା ଲୁଟ୍ ଘଟଣାରେ ୩ ଜଣଙ୍କୁ କୋର୍ଟ ଚାଲାଣ

ନୀଳଗିରି , ୦୪/୪ (ନି.ପ୍ର): ଗତ ମାର୍ଚ୍ଚ ୨୫ ତାରିଖରେ ନୀଳଗିରି ଏନ୍.ଏ.ସି ଅନ୍ତର୍ଗତ ୯ ନଂ ୱାର୍ଡ କାହାଲିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ୬ଜଣ ଅଜ୍ଞାତ ଲୁଟେରା ବନ୍ଧୁକ, ତେଲେଙ୍ଗା କଟୁରୀ ଆଦି ମାରଣାସ୍ତ୍ର ଦେଖାଇ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ସହିତ ନଗଦ ୨୦ଲକ୍ଷ ଟଙ୍କା ଲୁଟିନେଇ ଖସି ପଳାଇ ଯାଇଥିଲେ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ପରେ ପୋଲିସ ସକ୍ରିୟ ହୋଇ ଲୁଟେରାଙ୍କ ପିଛା କରିଥିଲା। ସୂଚନା ଅନୁଯାୟୀ ଉକ୍ତରାତି ପ୍ରାୟ ୯.୩୦ ସମୟରେ ସିଂହ ପରିବାରର ସମସ୍ତସଦସ୍ୟ ଖାଇବାକୁ ବସିଥିବାବେଳେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଭୟଭୀତ କରିବା ସହିତ ଗୋବିନ୍ଦା ସିଂହଙ୍କ ସମେତ ପରିବାରର ଅନ୍ୟ ମହିଳାମାନଙ୍କୁ ମୁହଁରେ ବ୍ଲାକଟେପ୍ ଲଗାଇ ମୁହଁବନ୍ଦ କରିବାସହିତ ସମସ୍ତଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ଗଡରେଜ୍ ଚାବିଭାଙ୍ଗି ପ୍ରାୟ ୨୦ଲକ୍ଷ ଟଙ୍କାର ନଗଦ ରାଶି ସହ ପ୍ରାୟ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଯାଇଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ପୋଲିସ ନଂ.୧୫୫/୨୬ରେ ମାମଲା ରୁଜୁ କରି ନୀଳଗିରି ଏସ.ଡି.ପି.ଓ ପ୍ରମୋଦ ମଲ୍ଲିକ, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକଙ୍କ ସମେତ ବାଲେଶ୍ୱରର ସାଇଣ୍ଟିଫିକ ଦଳ ଅପରାଧୀଙ୍କ ପିଛାକରୁଥିବା ବେଳେ ଗତ ୪ଦିନଧରି ଫୋନଟେପିଂ ଜାରିରଖିଥିବା ବେଳେ ଶୁକ୍ରବାର ଉକ୍ତ ଲୁଟେରା ଗ୍ରୁପର ୩ ଜଣକୁ ଗିରଫକରିବାରେ ସଫଳ ହୋଇଥିଲେ ।ଅଧିକ ତଦନ୍ତ ଜାରି ରହିଥିବା ବେଳେ ଗିରଫ ଅଭିଯୁକ୍ତ ମଧ୍ୟରେ ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ନିକଟ ବରୁଣ ସିଂ ଗାଁର ବିଲାତି ଓରଫ ସୂର୍ଯ୍ୟକାନ୍ତ ନାୟକ (୨୨), ଖନ୍ତାପଡ଼ା ରାମନଗର ଅଞ୍ଚଳର ସମୀର ଖାଁ (୧୯) ଏବଂ ରେମୁଣା ଥାନା ଅଧୀନ ସୋମନାଥପୁର ନିକଟ ଜଗନ୍ନାଥପୁର ଗାଁର ସେକ୍ ସାହିଲ(୨୬) ବୋଲି ସୂଚନା ମିଳିଛି ।ତେବେ ୩୦ଲକ୍ଷ ଟଙ୍କାର ଗହଣା ଓ ୨୦ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ବେଳେ ମାତ୍ର ୨ଟି ବାଇକ, ୩ଟି ମୋବାଇଲ, ଗୋଟିଏ ତେଲଙ୍ଗାକଟୁରି, ୩ଟି ମଙ୍କିକ୍ୟାପ ଜବତ କରିଛି। ଶନିବାର ନୀଳଗିରି ପୋଲିସ ପକ୍ଷରୁ ଧାରା ୩୩୩,୩୧୦(୨)୩୧୨ ବି.ଏନ.ଏସ. ୨୫ ଆର୍ମସ୍ ଏକ୍ଟରେ ସମସ୍ତ ଡକାୟତଙ୍କୁ କୋର୍ଟଚାଲାଣ ହୋଇଥିବା ସୂଚନା ମିଳିଛି।

# ଓଡିଆ ଭାଷାରେ ନାମଫଳକ - ସଚେତନତା ପଦଯାତ୍ରା ଅନୁଷ୍ଠିତ

ବାଲେଶ୍ୱର, ୦୪/୪ (ନି.ପ୍ର): ଓଡ଼ିଆ ପକ୍ଷ ୨୦୨୬ ଅବସରରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପର୍ଯ୍ୟନ୍ତ 'ଓଡ଼ିଆ ଭାଷାରେ ନାମଫଳକ - ସଚେତନତା ପଦଯାତ୍ରା' ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ବାଲେଶ୍ୱର ପୌରପାଳିକାର ମୁଖ୍ୟ ରାସ୍ତା ପରିକ୍ରମା କରି ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକୁ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ସମ୍ବନ୍ଧରେ ସଚେତନ କରିବା ସହ ଲିଫଲେଟ ପ୍ରଦାନ କରାଯାଇଥିଲା । ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସାଧାରଣ ଙ୍କୁ ସଚେତନ କରାଗଲା । ଏହି ପଦଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲା ସହକାରୀ ଶ୍ରମ ଅଧିକାରିଣୀ/ଅଧିକାରୀ ଗଣ ଶିବର୍ଙ୍ଗୀ ହେମ୍ବ୍ରମ, କୁମାର ବାସୁଦେବ ପଣ୍ଡା, ଶୈଳସୂତା ଦାସ, ତୁଷାର କାନ୍ତ ଜେନା, କନିଷ୍ଠ ସହାୟକ ପ୍ରିୟବ୍ରତ ଦାସ ଓ ରାଜେନ୍ଦ୍ର ମାଝୀଙ୍କ ସହିତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏବଂ ପ୍ରିଣ୍ଟ ମିଡ଼ିଆ ଓ ଇଲେକ୍ଟ୍ରୋନିକ ମିଡ଼ିଆର ସାମ୍ବାଦିକଗଣ ତଥା ଶ୍ରମିକ ସଂଗଠନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।




# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ ପାଳିତ

ବାଲେଶ୍ୱର, ୦୪/୪ (ନି.ପ୍ର): ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସୁନହାଟ ପରିସରରେ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇଥିଲେ । ଏ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଯୁକ୍ତ ବସନ୍ତ କୁମାର ନାୟକ। ସମ୍ମାନୀତ ଅତିଥି ଭାବରେ ସଦର ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଯଜ୍ଞେଶ୍ୱର ଜେନା ଯୋଗ ଦେଇଥିବା ବେଳେ ଝଗଡ ର ଅଧକ୍ଷ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀଧର ସ୍ୱାଇଁଙ୍କ ସମେତ ଝଗଡ ର ସମସ୍ତ ସଭ୍ୟ ,ସଭ୍ୟା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳ, ସ୍କୁଲ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ,କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଥମେ ଜିଲ୍ଲାପାଳ ପୂଜା ଓ ଯଜ୍ଞ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଯଜ୍ଞ କାର୍ଯ୍ୟ ପରେ ଜିଲ୍ଲାପାଳ ଶିଶୁ ବାଟିକା ପିଲାଙ୍କର ଖଡିଛୁଆଁ କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲାପାଳ ମହୋଦୟ ନିଜେ ଛୋଟ ଛୋଟ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ି ସାହାଯ୍ୟରେ ସ୍ଲେଟ ରେ ଲେଖା ଶିଖେଇ ଥିଲେ। ତାପରେ ସମସ୍ତ ଷ୍ଟଲ ବୁଲି ଦେଖିଥିଲେ । ତାପରେ ୩୦ ଜଣ ନୂଆ ପିଲାଙ୍କୁ ବ୍ୟାଗ ସହିତ ପଠନ ସାମଗ୍ରୀ ପ୍ରଦାନ କରିଥିଲେ । ପରିଶେଷରେ ସବୁଜ ପତାକା ଦେଖାଇ ଜିଲ୍ଲାର ଶିକ୍ଷା ରଥକୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଶୁଭାରମ୍ଭ କରିଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



# ହଷ୍ଟେଲରେ ରହି ପାଠପଢ଼ିବାକୁ ଚାହୁଁଛନ୍ତି 'ରାଣୀ'



ଉଦଳା, ୦୪/୪ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ନେଦାମ ଗ୍ରାମର ବାସିନ୍ଦା ବାଜୁନ ହାଁସଦାଙ୍କର ୧୪ ବର୍ଷ ବୟସର କନ୍ୟା 'ରାଣି ହାଁସଦା' ହଷ୍ଟେଲରେ ରହି ପାଠପଢ଼ିବାକୁ ଚାହୁଁଛନ୍ତି । କନ୍ୟା 'ରାଣି'ଙ୍କୁ ହଷ୍ଟେଲ ସିଟ ଯୋଗାଇ ଦେବାକୁ ପିତା 'ବାଜୁନ' ଗୁହାରି ଜଣାଇଛନ୍ତି । ଖବର ନେବାରୁ ନେଦାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ 'ରାଣି' ଅଷ୍ଟମ ଶ୍ରେଣୀ ପାସ କରିଛନ୍ତି । ପରେ ନବମରେ ପଢ଼ିବାକୁ ହେଲେ ପାଖରେ ବିଦ୍ୟାଳୟ ନାହିଁ ବିଦ୍ୟାଳୟ ଦୂରରେ ଥିବାରୁ ନିୟମିତ ଯାତାୟତ କରି ପାଠପଢ଼ିବା 'ରାଣି'ଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି । ବିଭାଗୀୟ କତୃପକ୍ଷ 'ରାଣି'ଙ୍କୁ ହଷ୍ଟେଲ ସିଟ ଯୋଗାଇ ଦେବା ସହିତ ପାଠପଢ଼ିବାର ସୁଯୋଗ ପ୍ରଦାନ କରନ୍ତୁ ବୋଲି ସ୍ୱେଚ୍ଛାସେବି କୈଳାଶ ଚନ୍ଦ୍ର ନାୟକ ଅନୁରୋଧ ଜଣାଇଚନ୍ତି ।

# ଓଡ଼ିଆ ପକ୍ଷ ନୂତନ ଶିକ୍ଷାବର୍ଷରେ ନବାଗତଙ୍କୁ ଖଡି ଛୁଆଁଇଲେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ଓ ଜିଲ୍ଲାପାଳ

ବାରିପଦା, ୦୪/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ "ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ୍ୟା ଭାରତୀ ହାଁସଦା, ବିଶେଷ ଅତିଥି ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସଏ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁଦୁଯ୍ୟା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର, ଶଶୀଧର ସିଂ, ବିନୋଦ ସିଂ ପ୍ରମୁଖ ଯୋଗ ଦେଇଥିଲେ । ଓଡିଆ ପକ୍ଷ ପାଳନ ଅବସରରେ ପ୍ରବେଶ ଉତ୍ସବ ଓ ଖଡି ଛୁଆଁ ଭଳି ଏକ ଅନନ୍ୟ କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଯୋଗଦାନ କରି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ପିଲାମାନଙ୍କୁ ଖଡି ଛୁଆଁ କାର୍ଯ୍ୟକ୍ରମ ସମ୍ପାଦନ କରିବା ସହ ବିଦ୍ୟାଳୟରେ ପ୍ରବେଶ କରାଇଥିଲେ ଏବଂ ପ୍ରତି ପିଲାଙ୍କୁ ନୂତନ ପୁସ୍ତକ ଓ ବ୍ୟାଗ ପ୍ରଦାନ କରିଥିଲେ । ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ସର୍ବମୋଟ ୪୬,୬୩୨ ଜଣ ଛାତ୍ର ଛାତ୍ରୀ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂଆ କରି ନାମ ଲେଖାଇବେ । ଆଜି ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଖଡି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ଜିଲ୍ଲାରେ ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ସଚେତନତା ପାଇଁ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶିକ୍ଷା ରଥ ଚଳିତ ମାସ ୪ ତାରିଖ ଠାରୁ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତିଟି ଗ୍ରାମ, ସାହି, ପଡା, ବିଦ୍ୟାଳୟ ଓ ସାପ୍ତାହିକ ହାଟ, ସହରାଞ୍ଚଳର ବିଭିନ୍ନ ବସ୍ତି ଗୁଡିକୁ ପରିକ୍ରମା କରି ଶିକ୍ଷାର ବାର୍ତ୍ତାପ୍ରଦାନ କରିବ । ସଭିଏଁ ସ୍କୁଲ ଯିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ପାଠ୍ୟକ୍ରମ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଏବଂ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଅବଗତ କରାଇବ । ଉପରୋକ୍ତ କାର୍ଯ୍ୟକ୍ରମକୁ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଶୈକ୍ଷିକ ସଂଯୋଜିକା ଶୈଳବାଳା ବେହେରା, ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟରଞ୍ଜନ ଦାସ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସହରାଞ୍ଚଳ ଆବାସିକ ଛାତ୍ରାବାସର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ' ଅନୁଷ୍ଠିତ

ବୈଶିଙ୍ଗା , ୦୪/୪ (ନି.ପ୍ର): ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣିଆ ପରିସରରେ ଆଜି ନବମ ଶ୍ରେଣୀର ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ପାଇଁ ଏକ ଭବ୍ୟ 'ପ୍ରବେଶ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷା ବର୍ଷର ପ୍ରାରମ୍ଭରେ ନୂତନ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପୁରାତନ ଖେଳ ଶିକ୍ଷକ ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଅନୁଶାସନ ଓ ନିୟମିତ କ୍ରୀଡ଼ାଭ୍ୟାସ ସହ ଶିକ୍ଷା ଗ୍ରହଣ କରି ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବମ ଶ୍ରେଣୀରେ ନାମ ଲେଖାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ କରାଯିବା ସହ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନୂତନ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ଶ୍ରେଣୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ନୂତନ ଶିକ୍ଷା ବର୍ଷର ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟା, ଅଭିଭାବକ ଏବଂ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ନୂତନ ଶିକ୍ଷାର୍ଥୀମାନେ ପାଠ୍ୟ ପୁସ୍ତକ ପାଇ ବେଶ୍ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida